# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା - ୧୩୮୮୫ ତା ୨୬.୦୬.୨୦୧୫ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱର

ବିଷୟ :- ଭୁବନେଶ୍ୱର ମହାନଗର ନିଗମର ତା ୨୪.୦୬.୨୦୧୫ ରିଖ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧେ ।

ମହାଶୟ/ମହାଶୟା,

ଭୁବନେଶ୍ୱର ମହାନଗର ନିଗମର ତା ୨୪.୦୬.୨୦୧୫ ରିଖ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ସଂଲଗ୍ନକ - ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୧୩୮୮୬ ତା ୨୬.୦୬.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେପୁଟି ମେୟର/ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୩୮୮୭ ତା ୨୬.୦୬.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୧୩୮୮୮ ତା ୨୬.୦୬.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ଅଭିଯୋଗ ପ୍ରକୋଷ୍ଠ / ମ୍ୟୁନିସପାଲ କମିଶନର/ ଡ଼େପୁଟି କମିଶନର/ ନଗର ଯନ୍ତ୍ରୀ /ଉପ ସଚିବ/ ନିର୍ବାହୀ ଯନ୍ତ୍ରୀ ଡିଭିଜନ ନଂ -୧/ନିର୍ବାହୀ ଯନ୍ତ୍ରୀ ଡିଭିଜନ ନଂ -୨/ D.C. Establishment/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ପୌର ମୁଖ୍ୟ ଚିକିତ୍ସାଧିକାରୀ/ ପରିସଂଖ୍ୟାନ ଅଧିକାରୀ / ନିରିକ୍ଷଣ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ/ Senior Municipal Planner/ D.C.Project/ D.C. Recovery/ ସହକାରୀ ବିଧି ଅଧିକାରୀ/ D.C.I.T/ ଚିଫ୍ ଅଡିଟର / ପରିବେଶ ଅଧିକାରୀ /ମୁଖ୍ୟ ସହାୟକ ସମୂହ/ହିସାବ ରକ୍ଷକ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୪.୦୬.୨୦୧୫ ରିଖ ✸ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✸ ସ୍ଥାନ : ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ :*

| | |
|---|---|
| ୧. ଅନନ୍ତ ନାରାୟଣ ଜେନା | ମେୟର |
| ୨. କେ. ଶାନ୍ତୀ | ଡେପୁଟି ମେୟର |
| ୩. ମମତା ରାଉତ | ୱାର୍ଡ ନଂ-୦୧ |
| ୪. ହରିଶ୍ ଚନ୍ଦ୍ର ମୁର୍ମୁ | ୱାର୍ଡ ନଂ-୦୨ |
| ୫. ଯୟନ୍ତି ଜେନା | ୱାର୍ଡ ନଂ-୦୩ |
| ୬. ଗାୟତ୍ରୀ ଲେଙ୍କା | ୱାର୍ଡ ନଂ-୦୪ |
| ୭. ନିର୍ମଳ ଚନ୍ଦ୍ର ରାଉତ | ୱାର୍ଡ ନଂ-୦୫ |
| ୮. ସ୍ୱର୍ଣ୍ଣପ୍ରଭା ରାୟ | ୱାର୍ଡ ନଂ-୦୭ |
| ୯. ମୋନାଲିସା ସାହୁ | ୱାର୍ଡ ନଂ-୦୮ |
| ୧୦. ସୂର୍ଯ୍ୟକାନ୍ତି ଜେନା | ୱାର୍ଡ ନଂ-୦୯ |
| ୧୧. ପ୍ରଣତି ନାୟକ | ୱାର୍ଡ ନଂ-୧୦ |
| ୧୨. ରଶ୍ମିତା ମହାନ୍ତି | ୱାର୍ଡ ନଂ-୧୧ |
| ୧୩. ସଞ୍ଜୟ କୁମାର ସେଠୀ | ୱାର୍ଡ ନଂ-୧୨ |
| ୧୪. ସୌଭାଗ୍ୟ ବାରିକ | ୱାର୍ଡ ନଂ-୧୩ |
| ୧୫. ଦେବୀ ପ୍ରସାଦ ମଲ୍ଲିକ୍ | ୱାର୍ଡ ନଂ-୧୪ |
| ୧୬. ସମୀର ପ୍ରଧାନ | ୱାର୍ଡ ନଂ-୧୫ |
| ୧୭. ଭାରତୀ ସିଂ | ୱାର୍ଡ଼ ନଂ-୧୬ |
| ୧୮. ଲିଳାବତୀ ଓଝା | ୱାର୍ଡ ନଂ-୧୭ |
| ୧୯. ସୁକାନ୍ତି ସୁବୁଦ୍ଧି | ୱାର୍ଡ ନଂ-୧୮ |
| ୨୦. ଜ୍ୟୋସ୍ନାରାଣୀ ରାଉତରାୟ | ୱାର୍ଡ ନଂ-୧୯ |
| ୨୧. ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୧ |
| ୨୨. ହରେକୃଷ୍ଣ ନାୟକ | ୱାର୍ଡ ନଂ-୨୨ |
| ୨୩. ଦିଲ୍ଲିପ କୁମାର ମାଝୀ | ୱାର୍ଡ ନଂ-୨୩ |
| ୨୪. ହରପ୍ରିୟା ସାହୁ | ୱାର୍ଡ ନଂ-୨୪ |
| ୨୫. ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୬. ଝୁନୀବାଳା ଦେଇ | ୱାର୍ଡ ନଂ-୨୬ |
| ୨୭. ପ୍ରତିମା ରାଉତରାୟ | ୱାର୍ଡ ନଂ-୨୭ |
| ୨୮. ପୁଷ୍ପାଞ୍ଜଳି ଦାସ | ୱାର୍ଡ ନଂ-୨୮ |
| ୨୯. ଶାଶ୍ୱତୀ ମିଶ୍ର | ୱାର୍ଡ଼ ନଂ-୩୦ |
| ୩୦. କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୧. ସୁରେଶ ଚନ୍ଦ୍ର ଜେନା | ୱାର୍ଡ ନଂ-୩୩ |
| ୩୨. ଭାନୁପ୍ରିୟା ଦାସ | ୱାର୍ଡ ନଂ-୩୪ |
| ୩୩. ଦେବାଶିଷ ସିଟ୍ | ୱାର୍ଡ ନଂ-୩୫ |
| ୩୪. ନରେନ୍ କୁମାର ସାହୁ | ୱାର୍ଡ ନଂ-୩୬ |
| ୩୫. ନବ କିଶୋର ବେହେରା | ୱାର୍ଡ ନଂ-୩୭ |
| ୩୬. ନିଖିଳ କୁମାର ବଳବନ୍ତରାୟ | ୱାର୍ଡ ନଂ-୩୮ |
| ୩୭. ପ୍ରତିଭା ସାମନ୍ତରାୟ | ୱାର୍ଡ ନଂ-୩୯ |
| ୩୮. ରାମଚନ୍ଦ୍ର ପ୍ରଧାନ | ୱାର୍ଡ ନଂ-୪୦ |
| ୩୯. ମମତା ସାହୁ | ୱାର୍ଡ ନଂ-୪୧ |
| ୪୦. ପୁଷ୍ପାଞ୍ଜଳି ସେଠୀ | ୱାର୍ଡ ନଂ-୪୨ |
| ୪୧. ରାଜଲକ୍ଷ୍ମୀ ନାଏକ | ୱାର୍ଡ ନଂ-୪୩ |
| ୪୨. ରଚନା ପାଟ୍ଟସାହାଣୀ | ୱାର୍ଡ ନଂ-୪୪ |
| ୪୩. ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୪. ପ୍ରଣବ କିଶୋର ସ୍ୱାଇଁ | ୱାର୍ଡ ନଂ-୪୬ |
| ୪୫. ନିହାର ରଞ୍ଜନ ସାହୁ | ୱାର୍ଡ ନଂ-୪୮ |
| ୪୬. ସୁଜିତ୍ କୁମାର ସ୍ୱାଇଁ | ୱାର୍ଡ ନଂ-୫୦ |
| ୪୭. ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୪୮. ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୯. ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୦. ରଶ୍ମିତା ମହାପାତ୍ର | ୱାର୍ଡ ନଂ-୫୪ |
| ୫୧. ସିମା ନାୟକ | ୱାର୍ଡ଼ ନଂ-୫୫ |
| ୫୨. ବନ୍ଦନା ସାହୁ | ୱାର୍ଡ ନଂ-୫୭ |
| ୫୩. ପୁଷ୍ପା ଦାସ | ୱାର୍ଡ ନଂ-୫୮ |
| ୫୪. ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୫. ଦୀପ୍ତିମୟୀ ସମର୍ଥା | ୱାର୍ଡ ନଂ-୬୦ |
| ୫୬. ଅନିତାରାଣୀ ମହାନ୍ତି | ୱାର୍ଡ ନଂ-୬୧ |
| ୫୭. ହୃଦୟ ବଲ୍ଲଭ ସାମନ୍ତରାୟ | ୱାର୍ଡ ନଂ-୬୨ |
| ୫୮. ରଘୁନାଥ ମହାନ୍ତି | ୱାର୍ଡ ନଂ-୬୩ |
| ୫୯. ଜ୍ୟୋସ୍ନାମୟୀ ଜେନା | ୱାର୍ଡ ନଂ-୬୫ |
| ୬୦. ଛବି ଦାଶ | ୱାର୍ଡ ନଂ-୬୬ |

୬୧. ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ବିଧାୟକ ଭୁବନେଶ୍ୱର "ଏକାମ୍ର"
ତଥା ମାନ୍ୟବର ମନ୍ତ୍ରୀ

୬୨. ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ ଭୁବନେଶ୍ୱର "ମଧ୍ୟ"

୬୩. ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ ଭୁବନେଶ୍ୱର "ଉତ୍ତର"

୬୪. ଅକ୍ଷୟ କୁମାର ଦିକ୍ଷିତ୍
ମାନ୍ୟବର ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି

ଅଦ୍ୟ ତା ୨୪.୬.୨୦୧୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ " *ଏକାମ୍ର* " ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର- ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ମାନ୍ୟବର ମନ୍ତ୍ରୀ, ଡେପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାର୍ ମ୍ୟାନ୍, କର୍ପୋରେଟର, କମିଶନର, ଅତିରିକ୍ତ କମିଶନର, ଜନସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ **"ବନ୍ଦେ ଉତ୍କଳ ଜନନୀ"** ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ସଞ୍ଜୟ କୁମାର ସେଠୀ କହିଥିଲେ ଯେ ଗତ ତା ୨୯.୦୫.୨୦୧୫ ରିଖ ନିର୍ଦ୍ଧାରଣ ସଂଖ୍ୟା- ୨(୫) ରେ ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ୍‌ର ଧାରା ୪୮୫ କୁ ଦୃଷ୍ଟିରେ ରଖି ନିଗମାଂଚଳରେ ଥିବା Recognised ବସ୍ତିରେ ଜଙ୍ଗଲ ଜମି, ବ୍ୟକ୍ତିଗତ ଜମି ଓ ଶ୍ମଶାନ ଜମିକୁ ଛାଡ଼ି ଅନ୍ୟାନ୍ୟ ଜମିରେ ରାସ୍ତା, ନାଳ ଓ ପାନୀୟ ଜଳ ପାଇଁ କାର୍ଯ୍ୟ କରିବା ପାଇଁ ନିଷ୍ପତି ହୋଇଥିଲା କିନ୍ତୁ ବସ୍ତି ବାସିନ୍ଦାଙ୍କ ପାଇଁ ଏକ ମୌଳିକ ସେବା ଯୋଗାଇ ଦେବା ନିମନ୍ତେ ଉପରୋକ୍ତ ଜମିରେ Community Toilet ନିର୍ମାଣ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଦେବୀ ପ୍ରସାଦ ମଲ୍ଲିକ୍ ଜାଣିବାକୁ ଚାହିଁଥିଲେ ଯେ ବର୍ଷାଋତୁ ଆରମ୍ଭ ହେଲାଣି ବୃକ୍ଷରୋପଣ କାର୍ଯ୍ୟ କେବେ ହେବ । ମାନ୍ୟବର ମେୟର ତଥା ସଭାପତି କହିଥିଲେ ଯେ ଆସନ୍ତା ଜୁଲାଇ ସାତ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ କରିବେ । ଆମେ ତା ପରେ ଜୁଲାଇ ଆଠ ତାରିଖରୁ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିବା ।

ସଭାପତିଙ୍କ ଅନୁମତି କ୍ରମେ କମିଶନର କହିଥିଲେ ଯେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ନାଳ ଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡ (Divission) ଗଠନ କରିବା ପାଇଁ ନିଗମର ନଗର ଯନ୍ତ୍ରୀ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରିଛନ୍ତି । ଏହା ମହାନଗର ନିଗମ ଅଧିନରେ ରହିବା, ଆବଶ୍ୟକ ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧. ଗତ ତା ୨୯.୫.୨୦୧୫ ରିଖ ନିଗମ ସାଧାରଣ ବୈଠକ ବିବରଣୀ ବୃଢ଼ିକରଣ:-

ନିର୍ଦ୍ଧାରଣ-୧. ଗତ ତା ୨୯.୫.୨୦୧୫ ରିଖ ନିଗମ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ :- (ତା ୨୪.୦୬.୨୦୧୫ ରିଖ)

ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨

ପ୍ରଶ୍ନ-୨(୧) ସଭାପତି ମହୋଦୟ ଦୟାକରି କହିବେ କି ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଅଂଚଳରେ ପ୍ରଥମେ କେଉଁ ମସିହାରେ BPL ସର୍ଭେ ହୋଇଥିଲା ଏବଂ BPL Card କେବେ ବଂଟନ କରାଯାଇ ଥିଲା । ଖାଦ୍ୟ ସୁରକ୍ଷା ଆଇନ୍ ଅନୁଯାୟୀ କାର୍ଡ଼ ବଂଟନ ପାଇଁ କି କି ପଦକ୍ଷେପମାନ ନିଆଯାଇଅଛି ବା ନେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଅଛି ତାହା ଗୃହରେ ଜଣାଇ ପାରିବେ କି ?

ଉତ୍ତର-୨(୧) ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ୧୯୯୭ ମସିହାରେ BPL ସର୍ଭେ କରାଯାଇ ଥିଲା ଏବଂ ଯୋଗାଣ ବିଭାଗ ଦ୍ୱାରା BPL Ration Card ବଂଟନ କରାଯାଇ ଥିଲା ।

ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ ଅନୁଯାୟୀ ଯେଉଁ ସର୍ଭେକ୍ଷଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ଦ୍ୱାରା କରାଯାଇ ଥିଲା, ତାହାର କାର୍ଡ଼ ବଂଟନ ସଂପର୍କରେ ନିର୍ଦ୍ଦେଶନାମା ମିଳିବା ପରେ ମହାନଗର ନିଗମ ବିହୀତ ପଦକ୍ଷେପ ଗ୍ରହଣ କରିବ ।

ପ୍ରଶ୍ନ-୨(୨) ସଭାପତି ମହୋଦୟ ଦୟାକରି କହିବେ କି ଓଡ଼ିଶା ସରକାର ୨୦୧୧ ମସିହାରେ ଏକ ବସ୍ତି ନୀତି ପ୍ରଣୟନ କରିଛନ୍ତି କି, ଯଦି ହଁ ତେବେ ସେହି ବସ୍ତି ନୀତିରେ ଏକ ନକଲ ଗୃହରେ ପ୍ରଦାନ କରିବେକି ?

ଉତ୍ତର-୨(୨) ଓଡ଼ିଶା ସରକାରଙ୍କର ଗୃହ ନଗର ଉନ୍ନୟନ ବିଭାଗ ୨୦୧୧ ମସିହାରେ ଏକ ବସ୍ତି ଥଇଥାନ ଓ ଉନ୍ନୟନ ନୀତି (Slum Rehabilation & Development Policy) (SRDP) for Orissa. ରାଜପତ୍ର ମାଧ୍ୟମରେ ପ୍ରକାଶ କରିଥିଲେ । ଏହା ତଥ୍ୟ ଭିତିକ ହୋଇଥିବାରୁ କର୍ପୋରେଟର ମହୋଦୟ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟରେ ଦେଖି ପାରିବେ । ପ୍ରକାଶ ଥାଉକି ଏହା Urban Odisha Gov. In ରେ ମଧ ଉପଲବ୍ଧ ଅଟେ ।

**ଶ୍ରୀ ରଘୁନାଥ ମହାନ୍ତି, ୱାର୍ଡ଼ ନଂ-୬୩**

ପ୍ରଶ୍ନ-୨(୩) ମେୟର ମହୋଦୟ ଉତର ଦେବେ କି ?

୧- Land Section ମହାନଗର ନିଗମ ଅଫିସରୁ କିପରି ଉଠାଇ ଦିଆଗଲା ସହିଦ୍ ନଗରକୁ ଉତର ଦିଅନ୍ତୁ ।

ଉତ୍ତର-୨(୩)୧- Land Section ମହାନଗର ନିଗମ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଆଦେଶ ସଂଖ୍ୟା- ୧୨୩୯୨ ତା ୩୦.୦୫.୨୦୧୫ ରିଖ ମୁତାବକ ସହିଦ ନଗରକୁ ସ୍ଥାନାନ୍ତରିତ କରା ଯାଇଅଛି ।

ପ୍ରଶ୍ନ-୨(୩)୨- ୨୦୧୫/ ୨୦୧୬ କାର୍ଯ୍ୟ କେବେ ହବ ଓ ୬୩ ନଂ ୱାର୍ଡ଼ କେବେ ଅନ୍ଧାରରୁ ମୁକ୍ତ ହେବ ।

ଉତ୍ତର-୨(୩)୨- ୨୦୧୫/ ୨୦୧୬ ଆର୍ଥିକ ବର୍ଷରେ ୱାର୍ଡ଼ ବଜେଟରୁ କାମ କରିବା ପାଇଁ କର୍ପୋରେଟର ମହୋଦୟ ଙ୍କ ଠାରୁ ମିଳିଥିବା ପ୍ରସ୍ତାବ ଅନୁସାରେ ୪ ଗୋଟି ନଥି ପ୍ରସ୍ତୁତ କରାଯାଇ Land Clearance ପାଇଁ ପଠା ଯାଇଥିଲା । ସେଥି ମଧ୍ୟରୁ ଗୋଟିଏ File (ଶ୍ମଶାନ ଜମି ଉପରେ Gymnasium ନିର୍ମାଣ ନିମନ୍ତେ) Land Section ରୁ ଦିଆଯାଇ ଥିବା ଟିପ୍ପଣୀ ଅନୁଯାୟୀ ପ୍ରସ୍ତାବିତ ଜମି ଉପରେ Gymnasium ନିର୍ମାଣ କରାଯାଇ ପାରିବ ନାହିଁ । ଅବଶିଷ୍ଟ ୩ ଗୋଟି File Land Section ରୁ Land ସମ୍ବନ୍ଧୀୟ ତଥ୍ୟ ଆସିଲା ପରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୨୦୧୫/ ୨୦୧୬ ଆର୍ଥିକ ବର୍ଷରେ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ମାନଙ୍କରେ ବୈଦ୍ୟୁତିକ କାର୍ଯ୍ୟ କରାଯିବା ପାଇଁ ଅଦ୍ୟାବଧି କୌଣସି ଖର୍ଚ୍ଚ ଅଟକଳ ଧାର୍ଯ୍ୟ କରାଯାଇ ନାହିଁ । ଅଟକଳ ଧାର୍ଯ୍ୟ କରାଯିବା ପରେ ସୁଚାରୁ ରୂପେ କାର୍ଯ୍ୟ ସଂପାଦନା କରାଯିବ ।

ୱାର୍ଡ଼ ନଂ-୬୩ କୁ ଅନ୍ଧାରରୁ ମୁକ୍ତ କରାଯିବା ପାଇଁ ଗତ ୨୦୧୪- ୨୦୧୫ ଆର୍ଥିକ ବର୍ଷରେ ଉକ୍ତ ୱାର୍ଡ଼ରେ ପୂର୍ବରୁ ରହିଥିବା ଆଲୋକ ବ୍ୟବସ୍ଥା ବ୍ୟତୀତ ୧୯୩ (ଏକ ଶତ ତେୟାନବେ) ଗୋଟି Sodium Vapour Light Fittings ଯୋଗାଇ ଦିଆଯାଇଛି ।

ପ୍ରଶ୍ନ-୨(୩)୩- ୬୩ ନଂ ୱାର୍ଡ଼କୁ କେବେ Stand Post ବସିବ ।

ଉତ୍ତର-୨(୩)୩- ୬୩ ନଂ ୱାର୍ଡ଼ ସ୍ଥିତ ଜଳକ୍ଳିଷ୍ଟ ଅଂଚଳରେ କର୍ପୋରେଟର ମହୋଦୟଙ୍କ ଅନୁରୋଧ କ୍ରମେ ୫ ଗୋଟି ନୂତନ ନଳକୂପ ଖନନ ଓ ସ୍ଥାପନ ପାଇଁ Executive Engineer, P.H. Division-III, ଭୁବନେଶ୍ୱରଙ୍କୁ BMC Letter No. 13596 dtd. 20.06.2015 ରେ ଅନୁରୋଧ କରାଯାଇଛି ।

**ଶ୍ରୀ ନିହାର ରଞ୍ଜନ ସାହୁ, ୱାର୍ଡ଼ ନଂ-୪୮**

ପ୍ରଶ୍ନ-୨(୪) ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ ଏବଂ ଏଥିରେ ଥିବା ଗୃହ ଏବଂ ପିଣ୍ଡିରୁ ମ୍ୟୁନିସିପାଲ୍ କର୍ପୋରେସନ କେଉଁ ପ୍ରକାରେ ଏବଂ କେତେ ପରିମାଣର ରେଭିନ୍ୟୁ ଆୟ କରୁଛି ?

ଉତ୍ତର-୨(୪) ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ନୁହେଁ । ଏହା BDA ଙ୍କ ର କର୍ତ୍ତୃତ୍ୱାଧିନ ଅଟେ । ଉକ୍ତ ମାର୍କେଟରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କଠାରୁ କୌଣସି ଦେୟ ମହାନଗର ନିଗମ ମାର୍କେଟ ଉପବିଭାଗ ତରଫରୁ ଆଦାୟ କରାଯାଉ ନାହିଁ ଏବଂ ଏଠାରେ ଥିବା ୨୫୨ ଗୋଟି ଦୋକାନ ଗୃହ ମଧ୍ୟରୁ ୧୨୩ ଗୋଟି ଦୋକାନ ଗୃହ ପୌର ଗୃହ ଟିକସ ଅନ୍ତର୍ଭୁକ୍ତ ହୋଇଅଛି । ଏହି ଗୃହ ଗୁଡ଼ିକ ଉପରୁ ୧ ଲକ୍ଷ ୨୬ ହଜାର ଟଙ୍କା ମାତ୍ର ଗୃହ ଟିକସ ଆଦାୟ କରାଯାଉ ଅଛି । ଉକ୍ତ ମାର୍କେଟ ମଧ୍ୟରେ ଥିବା ବ୍ୟବସାୟୀ ମାନଙ୍କ ମଧ୍ୟରୁ ୧୯ ଜଣ ବ୍ୟବସାୟୀ ଟ୍ରେଡ୍ ଲାଇସେନ୍ସ କରି ଅଛନ୍ତି । ଏମାନଙ୍କ ଠାରୁ ଟ୍ରେଡ୍ ଲାଇସେନ୍ସ ବାବଦରେ ବାର୍ଷିକ ଟ ୧୧,୦୦୦/- ମାତ୍ର ଆଦାୟ କରା ଯାଉଅଛି ।

ପ୍ରଶ୍ନ-୨(୫) ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି ଯେହେତୁ ଏହା ବିଡ଼ିଏ ମାର୍କେଟ ବୋଲି ମୋ ଜ୍ଞାନ ଚକ୍ଷୁରେ ଅଛି, କିନ୍ତୁ ଆମେ ସଫେଇ ଏବଂ ପରିମଳ ବ୍ୟବସ୍ଥା କରୁଅଛୁ । ସେମାନଙ୍କର ଡ଼ିମାଣ୍ଡ ହେଉଛି ସେମାନଙ୍କର ଡ୍ରେନ୍ ଆଦି କାର୍ଯ୍ୟ କରିବା ପାଇଁ ପ୍ରଥମେ ରେଭିନ୍ୟୁ ଜାଣିବା ଦରକାର ଏବଂ ସେଠାରେ ଥିବା ସୁଲଭ ଶୌଚାଳୟର ବ୍ୟବସ୍ଥା ଦେଖିବା ଦାୟିତ୍ୱ କାହାର ଏବଂ ତାହାର କନେକ୍ସନ୍ ରେନ୍ ୱାଟର୍ ଡ୍ରେନ୍ ହବାର କିଛି ବ୍ୟବସ୍ଥା ଅଛି କି ? ଏବଂ ସେଠାରେ ଗଢି ଉଠିଥିବା Un authorised ଦୋକାନ ଗୃହ ପାଇଁ ଦାୟୀ କିଏ ଏବଂ ଦେଖିବାର ଦାୟିତ୍ୱ କାହାର ?

ଉତ୍ତର-୨(୫) ପ୍ରିୟଦର୍ଶିନୀ ମାର୍କେଟ ସୁଲଭ ଶୌଚାଳୟ କନେକ୍ସନ୍ ରେନ୍ ୱାଟର୍ ଡ୍ରେନ୍ ପାଇଁ ବର୍ତମାନ କୌଣସି ପ୍ରସ୍ତାବ ନାହିଁ । ପ୍ରଶ୍ନକର୍ତା କହିଥିଲେ ଯେ ପ୍ରିୟଦର୍ଶିନୀ ମାର୍କେଟ ୧୯୮୬ ମସିହାରେ ନିର୍ମାଣ ହୋଇଥିଲା । ସେଠାରେ କେତେ ବ୍ୟକ୍ତି ବେଆଇନ୍ ଭାବେ ଦୋକାନ କରିଥିଲେ ସେଗୁଡ଼ିକ ଭଙ୍ଗାଯାଇଥିଲା । କେତେକ ବ୍ୟକ୍ତି ପୁନର୍ବାର ବେଆଇନ୍ ଦୋକାନ କଲେଣି, ଡ୍ରେନ୍ ଗୁଡ଼ିକ

ପୋତି ହୋଇଗଲାଣି । ଏଠାରେ ସୁଲଭ ଶୌଚାଳୟ ସ୍ୱରେଜ ପାଣି ନାଳକୁ ଛାଡୁଅଛି । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ ବେଆଇନ୍ ଦୋକାନ ଗୁଡ଼ିକୁ ଭାଙ୍ଗିବା ପାଇଁ BDA କୁ ଲେଖାଯିବ । ସୁଲଭକୁ ନୋଟିସ୍ ଦେବା ପାଇଁ D.C.Recovery ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

<u>ଶ୍ରୀମତୀ ସୀମା ନାୟକ, ୱାର୍ଡ଼ ନଂ-୫୫</u>

ପ୍ରଶ୍ନ-୨(ଚ) ମେୟର ମହୋଦୟ ଦୟାକରି ବି.ଏମ୍. ସି ର ନୂତନ ସଫେଇ ଘରୋଇକରଣ ଟେଣ୍ଡର ଗତ ୨୦୧୩ ନଭେମ୍ବର ରୁ ସଂପୃକ୍ତ ସଂସ୍ଥା ଗୁଡ଼ିକ ସହିତ ଚୁକ୍ତି ପତ୍ର ସ୍ୱାକ୍ଷର କରାଯାଇ ଥିଲା । ସ୍ୱାକ୍ଷରିତ ଚୁକ୍ତି ପତ୍ରର ସର୍ତ୍ତ ଅନୁଯାୟୀ କେତେ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ Clause ତଥା ୱାର୍ଡ଼ ସାନିଟାରୀ କମିଟିର କାର୍ଯ୍ୟାବଳୀ ସମ୍ବନ୍ଧରେ ନିମ୍ନଲିଖିତ ବିଷୟ ଗୁଡ଼ିକୁ ଦୟାକରି ସରଳ ଭାବେ ବୁଝାଇ ଦେବେ କି ?

(କ) Monitoring Of Mechanism & Performance Evaluation Procedure:-

(Under Clause No.3.5 of Condition of Contract as per agreement)

ଏହିଭଳି ସ୍ୱାକ୍ଷରିତ ଚୁକ୍ତି ପତ୍ର ର ଅନେକ ଗୁଡ଼ିଏ (ଶତକଡ଼ା ୮୦ ଭାଗ) ସର୍ତ୍ତ ଖିଲାପ କରି ଚାଲିଥିଲେ ସୁଧା ୱାର୍ଡ଼ରେ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ Sanitary Inspector ଙ୍କ ର ବିଗତ ୧ ବର୍ଷ ମଧ୍ୟରେ ମାତ୍ର ୨ ଥର ପରିଦର୍ଶନ କରିଛନ୍ତି, ଫଳ ସ୍ୱରୂପ ଉପର ବର୍ଣ୍ଣିତ Irregularities.

(ଖ) ଗତ ୫ ବର୍ଷ (୨୦୦୮-୨୦୧୩) ମଧ୍ୟରେ ବାର୍ଷିକ ୨୨ ରୁ ୨୩ କୋଟି ସଫେଇ ଘରୋଇ କରଣରେ ଖର୍ଚ୍ଚ ହେଉଥିଲା । ବର୍ତ୍ତମାନର ଚୁକ୍ତି ଅନୁଯାୟୀ ଏହାର ୨ ଗୁଣ ଠାରୁ ଅଧିକ ଖର୍ଚ୍ଚ ହେଉଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ସାଧାରଣ ଜନତା ଶତକଡ଼ା ୫୦ ଭାଗ ସେବା ମଧ ପାଇ ପାରୁ ନାହାନ୍ତି । ଏହା ଉପରେ କିଛି କହିବେ କି ?

(ଗ) ଗତ ୨୦୧୪ ଡ଼ିସେମ୍ବର ରେ ପ୍ରତ୍ୟେକ ୱାର୍ଡ଼ରେ Ward Sanitary Committee ଗଢାଯାଇ ଏହାର Chairman ରୂପେ Ward Corporator Satisfied/ Di satisfied Certificate ପ୍ରତ୍ୟେକ ମାସ କିମ୍ବା ଚାହିଁଲେ ପ୍ରତି ୧୫ ଦିନରେ ଥରେ ଦେଇ ପାରିବେ । କିନ୍ତୁ ଦୁଃଖର ବିଷୟ ତାହା ଆଜିଯାଏ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । କାରଣ ଦୟାକରି କହିବେ କି ?

ଉତ୍ତର-୨(ଚ) ୱାର୍ଡ଼ ନଂ-୫୫ ର ସଫେଇ କାର୍ଯ୍ୟ ପ୍ରାଇଭେଟ୍ କଣ୍ଟ୍ରାକ୍ଟର ଦ୍ୱାରା କରାଯାଉ ଅଛି । ଏହି Private Contractor ମାନେ ସଫେଇ କାର୍ଯ୍ୟକୁ ତଦାରଖ କରିବା ପାଇଁ ସୁପରଭାଇଜର ରଖିଛନ୍ତି । ଏତଦ୍ ବ୍ୟତୀତ Sanitary Inspector ମାନେ ମଧ ଉକ୍ତ ୱାର୍ଡ଼ ପରିଦର୍ଶନ କରନ୍ତି । ବିଗତ ୧ ବର୍ଷ ମଧ୍ୟରେ ମାତ୍ର ୨ ଥର ପରିଦର୍ଶନ କରିବା ଆମ୍ଭ ନଜରକୁ ଆସିନାହିଁ କିମ୍ବା କୌଣସି Report ମଧ ଆମ୍ଭର ହସ୍ତଗତ ହୋଇନାହିଁ । ପ୍ରକାଶ ଥାଉକି ପ୍ରତି Sanitary Inspector ଉପରେ ୫-୭ ଟି ୱାର୍ଡ଼ର ଦାୟିତ୍ୱ ନ୍ୟସ୍ତ କରାଯାଉ ଅଛି ଏବଂ ସହର ସଫେଇ କାର୍ଯ୍ୟ ସୁଚାରୁ ରୂପେ ପରିଚାଳିତ ହେଉଅଛି ।

ପ୍ରତ୍ୟେକ ୱାର୍ଡ଼ରେ Ward Sanitary Committee ଗଢାଯିବା ପାଇଁ BMC ଆଦେଶ ସଂଖ୍ୟା ୧୮୦ ତା ୦୫.୦୧.୨୦୧୫ ରିଖ ରେ ଗଠନ କରାଯାଇ ଅଛି । ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ ଜାଣିବାକୁ ଚାହିଁଥିଲେ ଯେ ଠିକାଦାର Door to Door Collection କରୁନାହାଁନ୍ତି ଏବଂ ଆବଶ୍ୟକ ହେଉଥିବା Dust been ପକାଉ ନାହାଁନ୍ତି କାହିଁକି ?

ୱାର୍ଡ଼ ନଂ-୫୫ ର ସଫେଇ ଓ ପରିମଳ କାର୍ଯ୍ୟ ଠିକା ନେଇଥିବା ଠିକାଦାର Door to Door ଅଳିଆ ସଂଗ୍ରହ କରିବା ଏବଂ ଆବଶ୍ୟକ ହେଉଥିବା Dust been ପକାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସଭାପତି ନିର୍ଦ୍ଦେଶ ଦେଇଥିଲେ ।

ପ୍ରଶ୍ନ-୨(ଛ) ମେୟର ମହୋଦୟ ଗତ ୨୦୧୪ ଜାନୁୟାରୀ ଠାରୁ ୨୦୧୫ ଜାନୁୟାରୀ ମଧ୍ୟରେ ସ୍ତ୍ରୀ- ପୁରୁଷ ନୂଆ ପେନ୍‌ସନ୍ କାର୍ଡ଼ ଯଥା ବିକଳାଙ୍ଗ, ବିଧବା ଏବଂ ବାର୍ଦ୍ଧକ୍ୟ ପାଇଁ ଆବେଦନ କରିଥିଲେ ସୁଧା ସେଥିରୁ ଜଣେ ହେଲେ ଭତା ପାଇ ପାରିଲେ ନାହିଁ । ଏହାର କାରଣ ତଥା Present Pension Benificiary Status Report Ward- wise ପ୍ରଦାନ କରିବେ କି ?

ଉତ୍ତର-୨(ଛ) ଗତ ୨୦୧୪ ଜାନୁୟାରୀ ଠାରୁ ୨୦୧୫ ଜାନୁୟାରୀ ମଧ୍ୟରେ ଭୁବନେଶ୍ୱର ସବ୍ କଲେକ୍ଟର ଙ୍କ ଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ୱାର୍ଡ଼ର ସମୁଦାୟ ୧୩୨୩ ଜଣଙ୍କର ଭତା, ମଧୁବାବୁ ପେନ୍‌ସନ ଯୋଜନାରେ ମଂଜୁର ହୋଇଅଛି । ସବ୍ କଲେକ୍ଟର ଙ୍କ କେଉଁ ଚିଠିରେ କେତୋଟି ଭତା ମଂଜୁର ହୋଇଅଛି ତାହାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| ଚିଠି ନଂ | ମଂଜୁର ହୋଇଥିବା ଭତା ସଂଖ୍ୟା | w.e.f |
|---|---|---|
| 429/05.02.14 | 02 | 01.01.14 |
| 682/11.02.14 | 01 | 01.01.14 |

| | | |
|---|---|---|
| 731/19.02.14 | 166 | 01.01.14 |
| 756/19.02.14 | 26 | 01.01.14 |
| 930/25.02.14 | 20 | 01.01.14 |
| 935/25.02.14 | 11 | 01.01.14 |
| 3455/28.05.14 | 01 | 01.05.14 |
| 4259/24.07.14 | 02 | 01.07.14 |
| 4262/24.07.14 | 01 | 01.07.14 |
| 4374/06.08.14 | 124 | 01.07.14 |
| 4371/06.08.14 | 19 | 01.07.14 |
| 4814/22.08.14 | 90 | 01.08.14 |
| 4811/22.08.14 | 01 | 01.08.14 |
| 4851/25.08.14 | 44 | 01.08.14 |
| 4887/01.09.14 | 150 | 01.08.14 |
| 5023/06.09.14 | 14 | 01.09.14 |
| 9153/25.10.14 | 39 | 01.09.14 |
| 9150/25.10.14 | 146 | 01.09.14 |
| 9668/03.11.14 | 01 | 01.11.14 |
| 10107/24.11.14 | 02 | 01.11.14 |
| 10579/12.12.14 | 01 | 01.12.14 |
| 10582/12.12.14 | 02 | 01.12.14 |
| 105935/26.12.14 | 82 | 01.12.14 |
| 10938/26.12.14 | 186 | 01.12.14 |
| 10932/26.12.14 | 34 | 01.12.14 |
| 653/22.01.15 | 158 | 01.01.15 |
| | 1323 | |

ସେହି ସବୁ ମଂଜୁର ହୋଇଥିବା ଭତା ତାଲିକାକୁ ଦେଖିବା ପରେ ଜଣାଯାଏ ଯେ ଜାନୁୟାରୀ ୨୦୧୪ ରୁ ୨୦୧୫ ମଧ୍ୟରେ ୱାର୍ଡ଼ ନଂ- ୫୫ ର ୦୯ (ନଅ) ଜଣଙ୍କର ଭତା ମଂଜୁର ହୋଇଛି, ତାହାର ତାଲିକା ପରିଶିଷ୍ଟ "କ" ରେ ସଂଲଗ୍ନ କରାଗଲା ।

ଜୁନ୍ ୬ ରୁ ୧୮, ୨୦୧୫ ମଧ୍ୟରେ Bio-metric Process ରେ ସମୁଦାୟ ୧୬୭୪୮ ଜଣଙ୍କୁ ଭତା ପ୍ରଦାନ ପାଇଁ Axis Bank, Samantapur ନିକଟରେ ଅର୍ଥ ପୈଠ କରାଯାଇଅଛି । ତାହାର ୱାର୍ଡ଼ ୱାରୀ ଭତା ସଂଖ୍ୟା ପରିଶିଷ୍ଟ "ଖ" ରେ ସଂଲଗ୍ନ କରାଗଲା ।

ଏହା ବ୍ୟତୀତ ଯେଉଁ ମାନଙ୍କର ଟିପ ଚିହ୍ନ ହୋଇ ପାରିବ ନାହିଁ, ଅର୍ଥାତ୍ Leprosy Patient ସେମାନଙ୍କୁ Mannually Pension ଦିଆଯାଉ ଅଛି, ଯାହାର ସଂଖ୍ୟା ୨୫୫ ଜଣ ଅଟେ ।

ଯେହେତୁ, ଭତା ମଂଜୁର ନିମନ୍ତେ କୌଣସି ଖାଲି ସ୍ଥାନ ନାହିଁ । ଯେଉଁ ୱାର୍ଡ଼ରୁ ଯେତିକି ଖାଲି ସ୍ଥାନ (Vacancy) ବାହାରିବ, ତାହା ଅନୁମୋଦନ କରାଯାଇ ସେହି ୱାର୍ଡ଼ର ଦରଖାସ୍ତ ପ୍ରଥମେ ବିଚାରକୁ ନିଆଯିବ । ଅଦ୍ୟାବଧି ୱାର୍ଡ଼ ୱାରୀ Vacancy ତାଲିକା ସଂଖ୍ୟା ପରିଶିଷ୍ଟ "ଗ" ରେ ଅଛି । ସେହି ୨୪୩ ତାଲିକା ତା ୨୨.୦୬.୧୫ ରେ Cancel କରାଯାଇ ଅଛି । ସେହି ଖାଲି ସ୍ଥାନ ପୂରଣ ଯଥାଶୀଘ୍ର କରିବା ପାଇଁ ପଦକ୍ଷେପ ନିଆଯାଉ ଅଛି । ଅଦ୍ୟାବଧି ୱାର୍ଡ଼ ୫୫ ର କୌଣସି Vacancy ବାହାରି ନାହିଁ, ଯଦି Vacancy ବାହାରେ ତେବେ ଯୋଗ୍ୟ ହିତାଧିକାରୀଙ୍କ ଦରଖାସ୍ତ ମଂଜୁର ନିମନ୍ତେ ପେଶ୍ କରାଯିବ ।

ଏତଦ୍ ଭିନ୍ନ ମହାନଗର ନିଗମ ଅଂଚଳ ପାଇଁ ଅଧିକ MBPY Target 4765 ଜଣଙ୍କ ନିମନ୍ତେ BMC ପତ୍ର ସଂଖ୍ୟା ୭୭୧୬ ତା ୨୫.୦୩.୧୫ ରିଖ ରେ DSWO, Khordha ଙ୍କୁ ଅନୁରୋଧ କରାଯାଇ ଅଛି । ତାହାର ନକଲ ପରିଶିଷ୍ଟ "ଘ" ରେ ରଖା ଯାଇଅଛି ।

ଅତିରିକ୍ତ ପ୍ରଶ୍ନରେ ପ୍ରଶ୍ନକର୍ତା କହିଥିଲେ ଯେ ଗରିବ, ଅସହାୟ ଲୋକମାନେ ଦୀର୍ଘଦିନ ହେବ ଭତା ପାଇଁ ଆବେଦନ କଲେଣି କିନ୍ତୁ ସେମାନେ ଭତା ପାଉ ନାହାଁନ୍ତି । ଏହା ଉପରେ ପଦକ୍ଷେପ ନିଆଯାଉ । ଏହା ଉପରେ ଆଲୋଚନା କରାଗଲା । ଆଉ ୭,୦୦୦ ମଧୁବାବୁ ପେନ୍‌ସନ୍ ଭତା ଆବଂଟନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩. ପୂର୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା 23.6.2015 ରିଖ ଟ୍ୟାକ୍‌ସେସନ୍, ଫାଇନାନ୍‌ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।।

ନିର୍ଦ୍ଧାରଣ-୪(୨). ଗତ ତା 23.6.2015 ରିଖ ପବ୍ଲିକ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ,ଡ୍ରେନେଜ ଆଣ୍ଡ ଏନ୍‌ଭିରନମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା 23.6.2015 ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା 23.6.2015 ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା 23.6.2015 ରିଖ ଏଜ୍ୟୁକେଶନ, ରିକ୍ରିଏସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା 23.6.2015 ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା 23.6.2015 ରିଖ କଣ୍ଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା 23.6.2015 ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା 23.6.2015 ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା 18.6.2015 ରିଖ ସ୍ଲମ ସେଟଲମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ମଇ-୨୦୧୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡିଟ୍ ମତାମତ / ମନ୍ତବ୍ୟ ଅନୁଯାୟୀ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ -୬. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:- (ତା ୨୪.୦୬.୨୦୧୫ ରିଖ)

ଶ୍ରୀ ଶ୍ରୀଧର ବେହେରା, ୱାର୍ଡ଼ ନଂ-୫୨

ପ୍ରସ୍ତାବ -୬(୧). ଆଗରୁ ଗଙ୍ଗନଗର ପଲ୍ଲୀ ବସ୍ତି ବାସିନ୍ଦା ମାନେ Airport ଜାଗାରେ ଖୋଲା ଭାବରେ ଶୌଚ ହେଉଥିଲେ । ବର୍ତମାନ International Airport ଯୋଗୁଁ Airport Authority ତାଙ୍କ ନିଜ ଜାଗାରେ ପାଚେରୀ କରୁଛନ୍ତି । ତେଣୁ ଗଙ୍ଗନଗର ପଲ୍ଲୀ ବସ୍ତିରେ Airport Authority ତାଙ୍କ ନିଜ ଅର୍ଥରେ ଉଭୟ ପୁରୁଷ ଓ ମହିଳା ମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରିବେ ବୋଲି ୧୨.୦୨.୨୦୧୪ ରେ BMC Commissioner ଙ୍କୁ ଚିଠି ଲେଖି ଜଣାଇ ଥିଲେଏବଂ ଜେଉଁ

ଜାଗାରେ ହେବ ତାହା ମଧ୍ୟ BMC ସ୍ଥାନ ଚିହ୍ନଟ କରି ଜଣାଇ ଛନ୍ତି । ସେହି ଜାଗାରେ ଜଣେ କୋଟିପତି ବସ୍ତିରେ କେବେ ନ ରହି ମଧ୍ୟ ୪ ଟି ଘର ଓ ୩ ଟି ଦୋକାନ କରି ଭଡ଼ା ଦେଇଅଛି । ତୁରନ୍ତ ତାକୁ ଉଚ୍ଛେଦ କରିବା ପାଇଁ Corporation ରେ ଆଲୋଚନା ଓ ବିଚାର:-

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସର୍ବ ସମ୍ମତି କ୍ରମେ ନିଗମର D.C.Recovery ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ଶ୍ରୀମତୀ ସାମା ନାୟକ, ଓ୍ୱାର୍ଡ ନଂ-୫୫

ପ୍ରସ୍ତାବ -୬(୨). BMC ର ସମସ୍ତ ଓ୍ୱାର୍ଡ଼ରେ ସାଧାରଣ ଜନତାଙ୍କ ଅବଗତି ନିମନ୍ତେ ଓ୍ୱାର୍ଡ଼ ଆରମ୍ଭ ଏବଂ ଶେଷ ସୀମାରେ "ସ୍ୱାଗତମ୍ BMC Ward No.- 00" ବୋର୍ଡ଼ ଅତି କମ୍‌ରେ ୨ ଗୋଟି ଲେଖାଏଁ ଲଗାଯାଉ । ଅନେକ ସମୟରେ ବହୁ ଜନସାଧାରଣ ଅଂଚଳରେ ବର୍ଷ ବର୍ଷ ରହିଲା ପରେ ମଧ୍ୟ ସେ BMC ର କେଉଁ ଓ୍ୱାର୍ଡ଼ରେ ଅବସ୍ଥାନ କରୁଛନ୍ତି ଜାଣି ପାରନ୍ତି ନାହିଁ । ଏଣୁ ଏହି ବୋର୍ଡ଼ରେ Ward No. ସହିତ Area map ଲଗାଇଲେ ମଧ୍ୟ ବହୁତ ଉପକାରୀ ହୁଅନ୍ତା । ଦୟାକରି ଏହି ପ୍ରସ୍ତାବ ଉପରେ ଆଲୋଚନା ଓ ସିଦ୍ଧାନ୍ତ:-

ନିର୍ଦ୍ଧାରଣ-୬(୨). ନିଗମର ସମସ୍ତ ଓ୍ୱାଡର୍ରେ ଓ୍ୱାର୍ଡ଼ ମ୍ୟାପ୍ ତିଆରି କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୨୪.୦୬.୨୦୧୫ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-

ପ୍ରସ୍ତାବ-୭(୧). ନଥି ନଂ XXIII- Gen. misc 71/15 ଟିପ୍ପଣୀ ପୃଷ୍ଠା ୩୫ ରୁ ୩୯ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ନିଗମ କାର୍ଯ୍ୟର ସୁପରିଚାଳନା ନିମନ୍ତେ କମିଶନର OMC- Act 2003 ର ଧାରା ୧୨୧ ଅନୁଯାୟୀ Annexure-A & Annexure-B ମତେ ନିଗମର ଅତିରିକ୍ତ କମିଶନରଙ୍କୁ କ୍ଷମତା ହସ୍ତାନ୍ତର କରିଛନ୍ତି । ଏହା କର୍ପୋରେସନଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ଅଛି ।

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ କର୍ପୋରେସନ ଅବଗତ ହେଲେ ।

ପ୍ରସ୍ତାବ-୭(୨). ପ୍ରତିବର୍ଷ ପରି ଚଳିତ ବର୍ଷ ତା ୨୧.୦୪.୨୦୧୫ ରିଖ ମଙ୍ଗଳବାର ଅକ୍ଷୟ ତୃତୀୟା ଦିନ ଜୟଦେବ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶ ମତେ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣ ଠାରେ ସଂକିର୍ତନ ଦଳକୁ ଅଭ୍ୟର୍ଥନା ପାଇ ପଣା ଯୋଗାଣ ଓ ତେଲିଙ୍ଗି ବାଜା ବ୍ୟବସ୍ଥା ନିମନ୍ତେ ଟ ୮,୦୦୦/-(ଆଠ ହଜାର) ମାତ୍ର ମାନ୍ୟବର ମେୟର ଆଦେଶ ମତେ ଖର୍ଚ୍ଚ କରାଯାଇ ଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର:-

ପ୍ରକାଶ ଥାଉକି ପ୍ରତ୍ୟେକ ବର୍ଷ ମହାନଗର ନିଗମ ତରଫରୁ ଜୟଦେବ ଜୟନ୍ତୀ ସଂକିର୍ତନ ଦଳଙ୍କ ପାଇଁ ପଣା ଓ ତେଲିଙ୍ଗି ବାଜାର ବ୍ୟବସ୍ଥା କରାଯାଇ ଥାଏ । (ନଥି ନଂ XXXIVGS 16/15)

ନିର୍ଦ୍ଧାରଣ-୭(୨). ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ଭୁବନେଶ୍ୱର ମହାନଗର ନିଗମ Enforcement କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ନିମନ୍ତେ ମହାନଗର ନିଗମ ବର୍ତମାନ ପାଇଁ ଅଧିକ ମାନବ ସମ୍ବଳ ଆବଶ୍ୟକତା ଦୃଷ୍ଟିରୁ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କ ଅଧିନରେ କାର୍ଯ୍ୟରତ ଥିବା ୧୨ ଜଣ Enforcement କର୍ମଚାରୀଙ୍କୁ (Enforcement ସହାୟକ) ଓ ୬ ଜଣ Enforcement Inspector ଙ୍କୁ ମହାନଗର ନିଗମରେ deputation ଭାବେ ନିୟୋଜିତ କରିବା ପାଇଁ କର୍ପୋରେସନଙ୍କ ବିଚାର:-

ପ୍ରକାଶ ଥାଉକି ସେମାନଙ୍କର ସମସ୍ତ ଦରମା, ଭତା ଇତ୍ୟାଦି ମହାନଗର ନିଗମ ବହନ କରିବେ । ନଥି ନଂ XIV- (Land)- 40/15) ଟିପ୍ପଣୀ ପୃଷ୍ଠା-୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୪). ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ଆଇନ୍, ୨୦୦୩ ର ଧାରା-୨୧ ଅନୁସାରେ ପ୍ରତ୍ୟେକ ୱାର୍ଡ଼ରେ ୱାର୍ଡ଼ କମିଟି ଗଠନ ତଥା ୱାର୍ଡ଼ କମିଟିରେ ଜଣେ ଲେଖାଏଁ କାର୍ଯ୍ୟାଳୟ ଅଧିକାରୀ କର୍ମଚାରୀଙ୍କୁ କମିଶନରଙ୍କ ଦ୍ୱାରା Authorise କରି ସେହି କମିଟିରେ ମେମ୍ବର ରଖିବା ଏବଂ କମିଟି ୱାର୍ଡ଼ର ସ୍ୱାସ୍ଥ୍ୟ ସେବା, ସଫେଇ, ରାସ୍ତା ଆଲୋକ, ଗଳି ସଫେଇ, ପରିବେଶ ସୁରକ୍ଷା ଓ ସଂସ୍କୃତି ଇତ୍ୟାଦିକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ଏବଂ ୱାର୍ଡ଼ ଅଫିସର ମନୋନିତ କରାଯାଇ ଦାୟିତ୍ୱ ହସ୍ତାନ୍ତର ବାବଦୀୟ ସଂଲଗ୍ନ କାର୍ଯ୍ୟାଳୟ ପତ୍ରାଳାପ ସଂଖ୍ୟା- ୧୩୫୯୦ ତା୨୦.୦୬.୨୦୧୫ ଓ ୧୩୬୧୩ ତା ୨୦.୦୬.୨୦୧୫ ର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ XXXXX- II- SBA- Cell- 29/15)

ନିର୍ଦ୍ଧାରଣ-୭(୪). ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ୱାର୍ଡ଼ ଅଫିସରମାନେ User Charges ଆଦାୟ କରିବେ । ଯେଉଁ ନାଗରିକ ବର୍ଷକର User Charges ଏକକାଳୀନ ପୈଠ କରିବେ, ସେମାନେ ବର୍ଷକ ମଧ୍ୟରୁ ତିନି ମାସର User Charges ରିହାତି ପାଇବେ । User Charges ଯଦି କୌଣସି ନାଗରିକ ମାସିକା କିସ୍ତିରେ ଦେବାକୁ ଇଚ୍ଛା କରିବେ, ତେବେ ସେହି ଅର୍ଥ ବି.ଏମ୍. ସି କାର୍ଯ୍ୟାଳୟରେ ପୈଠ କରିବେ । ନଥି ନଂ XXII- L- 53/13

ନିର୍ଦ୍ଧାରଣ-୭(୫). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୪୬, ୟୁନିଟ୍-୬ କ୍ୟାପିଟାଲ୍ ହସ୍ପିଟାଲ୍ ପାଖ ରାସ୍ତାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଦ୍ୱାରା ଉଦଘାଟନ ହୋଇଅଛି । ଉକ୍ତ ରାସ୍ତାକୁ Indian Medical Association ମାର୍ଗ ମାନରେ ନାମିତ କରିବା ପାଇଁ Indian Medical Association ର ସାଧାରଣ ସଂପାଦକ ମାନ୍ୟବର ମେୟରଙ୍କୁ ଅନୁରୋଧ କରିଛନ୍ତି । ତାଙ୍କର ଅନୁରୋଧକୁ ବିଚାରକୁ ନିଆଯାଇ ଉକ୍ତ ରାସ୍ତାକୁ IMA-MARG ନାମରେ ନାମିତ କରିବା ସଂପର୍କରେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା କଲ୍ୟାଣ ମଣ୍ଡପ ମାନଙ୍କର Reservation System ପାଇଁ NIC ଦ୍ୱାରା ପରିଚାଳିତ SMS Gateway ବାବଦକୁ ୬ ପଇସା ପ୍ରତି SMS ବାବଦକୁ NIC ଦାବି କରିଅଛି । ଏହି ଦାବି ଭାରତ ସରକାରଙ୍କର Deity Dept. ଦ୍ୱାରା ପ୍ରେରିତ ଅଟେ । ଏହା 1st April ରୁ ଲାଗୁ ହେବା ନିମନ୍ତେ ନଥି ନଂ- XXXXX-(ITPMU)- 16/2015 ଟିପ୍ପଣୀ ପୃଷ୍ଠା-୧ ରୁ ୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ପ୍ରତି SMS କୁ ୬ ପଇସା ହିସାବରେ NIC ଦ୍ୱାରା ପର୍ଯ୍ୟାୟ କ୍ରମେ ପ୍ରକୃତ ଦେୟ ବାବଦକୁ ଅର୍ଥ ମଞ୍ଜୁର କରିବା ସଂପର୍କରେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୭). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). ଭୁବନେଶ୍ୱର ମହାନଗର ପରିଚାଳିତ ଗଣ୍ଡମୁଣ୍ଡା ହାଟରେ ପିଣ୍ଡି ନଂ ୮୪, ୮୫ ଏବଂ ୮୬ ଯଥାକ୍ରମେ ଏସ୍.କେ.ଆଜାଦ୍, ସଂଜୟ କୁମାର ବିଶୋଇ ଏବଂ ଏମ୍. ଡ଼ି. ସକିଲ୍ ଙ୍କ ନାମରେ ପୂର୍ବରୁ ଆମିଷ ବ୍ୟବସାୟ କରିବା ନିମନ୍ତେ ଆବଣ୍ଟିତ ହୋଇଥିଲା । ବିଜୁ ପଟ୍ଟନାୟକ ଇଣ୍ଟର ନ୍ୟାସନାଲ Airport ର ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ବ୍ୟବସାୟୀ ମାନଙ୍କୁ ସେମାନଙ୍କର Trade ବଦଳାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ନଥି ନଂ- XXXVIII- 16/2015 ଅନୁସାରେ ପତ୍ର ମାଧ୍ୟମରେ ଅନୁରୋଧ କରା ଯାଇଥିଲା । କିନ୍ତୁ ସେମାନେ ସେମାନଙ୍କର Trade ବଦଳାଇବା ସଂପର୍କରେ ଦୁଇ ମାସ ବିତି ଯାଇଥିଲେ ମଧ ଅଦ୍ୟାବଧି ସେମାନେ ତାଙ୍କର ମତାମତ ଲିଖିତ ଆକାରରେ କୌଣସି ତଥ୍ୟ ମହାନଗର ନିଗମକୁ ଜଣାଇ ନାହାଁନ୍ତି । ଟିପ୍ପଣୀ ପୃଷ୍ଠା-୩୫ ରୁ ୩୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ତିନି ଗୋଟି ପିଣ୍ଡିର ଆବଣ୍ଟନ ପତ୍ର ରଦ୍ଦ (Cancel) କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୯). ତା ୨୮.୦୪.୨୦୧୫ ରିଖ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ନିର୍ଦ୍ଧାରଣ- ୧୧(କ) ଅନୁସାରେ ଭୁବନେଶ୍ୱର ସହରର ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କର ଏକ ପୂର୍ଣ୍ଣାଙ୍ଗ ସର୍ଭେକ୍ଷଣ ଓ ବିସ୍ତୃତ ଥଇଥାନ ଯୋଜନା ପ୍ରସ୍ତୁତି ନିମନ୍ତେ ମନୋନିତ ହୋଇଥିବା IBI Group କୁ ସେବା ଟିକସ ବ୍ୟତୀତ ଟ ୬୦.୦୦ ଲକ୍ଷ ଦେବା ପାଇଁ ସ୍ଥିର କରାଯାଇ ନିଷ୍ପତି ନିଆଯାଇଥିଲା । ସରକାରଙ୍କ ଠାରୁ ଅର୍ଥ ମିଳିବା ପରେ IBI Group କୁ ସେହି ଅର୍ଥ ଦିଆଯିବ, ମାତ୍ର ମହାନଗର ନିଗମ ପାଣ୍ଠିରୁ ଅର୍ଥ ଖର୍ଚ୍ଚ ହେବ ନାହିଁ । କିନ୍ତୁ ରାଜ୍ୟ ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ BMC ପତ୍ର ସଂଖ୍ୟା ୧୨୭୨୦ ତା ୦୪.୦୬.୨୦୧୫ ରିଖ ରେ ଏହି ଅର୍ଥ ଦେବା ନିମନ୍ତେ ଅନୁରୋଧ କରାଯାଇ ଅଛି । ଯଦି ସରକାର ସେହି ଅର୍ଥ ନ ଦିଅନ୍ତି, ତେବେ ରାସ୍ତା ପାର୍ଶ୍ୱ ବ୍ୟବସାୟୀ ମାନଙ୍କର ଥଇଥାନ କରିବା ମହାନଗର ନିଗମର ଦାୟିତ୍ୱ ହୋଇଥିବାରୁ ଉପରୋକ୍ତ କାର୍ଯ୍ୟ ସଂପାଦନ ନିମନ୍ତେ ରାଜ୍ୟ ସରକାରଙ୍କ ଠାରୁ ଅର୍ଥ ପ୍ରାପ୍ତି ପ୍ରତ୍ୟାଶାରେ ମହାନଗର ନିଗମ ପାଣ୍ଠିରୁ ଅର୍ଥ ଖର୍ଚ୍ଚ ପାଇଁ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ପୁନଃ ବିଚାରରେ ନିର୍ଦ୍ଧାରଣ ସଂଖ୍ୟା ୯ ତା ୨୩.୦୬.୨୦୧୫ ରିଖ ରେ ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ଖର୍ଚ୍ଚ ୫୦ ଲକ୍ଷ ଟଙ୍କାରୁ ଅଧିକ ହେଉଥିବାରୁ ଏହାର ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କୁ ପଠାଇବା ଏବଂ ଉକ୍ତ ଅର୍ଥ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତି ଆଶାରେ ମହାନଗର ନିଗମ ପାଣ୍ଠିରୁ ଅର୍ଥ ବହନ କରିବା ସଂପର୍କରେ ବିଚାର କରିବା ପାଇଁ ସର୍ବ ସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରିଥିଲେ । ଏହା ଉପରେ କର୍ପୋରେସନଙ୍କ ବିଚାର:- ନଥି ନଂ XXXXII- UPA- 77/14 ଟିପ୍ପଣୀ ପୃଷ୍ଠା- ୧୦ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୯). ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ଖର୍ଚ୍ଚ ୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ Omc- Act- 2003 ର ଧାରା ୨୭୭(୨)(e) ମତେ ଏହା ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା, IBI Group ଙ୍କ ସହିତ ଚୁକ୍ତି ପତ୍ର ସ୍ୱାକ୍ଷରିତ ହେବା, Challenge fund ରେ ସର୍ଭେ ପାଇଁ ଥିବା ଟ ୧୩,୧୬,୭୫୦/= ଏଥି ନିମନ୍ତେ ଖର୍ଚ୍ଚ ହେବ । ତାଙ୍କର କାର୍ଯ୍ୟ ସନ୍ତୋଷଜନକ ନହେଲେ ତାଙ୍କ ସହିତ ହୋଇଥିବା ଚୁକ୍ତି ପତ୍ର ରଦ୍ଦ (Cancel) କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୦). ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ୧ ନମ୍ବର ହାଟରେ ଥିବା ଦୋକାନ ଘର ଏବଂ ଅନ୍ୟାନ୍ୟ ଜାଗା ଗୁଡ଼ିକର ନିୟମିତ କରଣ କରିବା ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କର କେଶ୍ ନଂ- W P (C) 5726/12 ଦାଖଲ ହୋଇଥିବା ରାଜଧାନୀ ହାଟ ବ୍ୟବସାୟ ସଂଘଙ୍କ ଦ୍ୱାରା ଦାଖଲ କରାଯାଇ ଥିବା ଉପରୋକ୍ତ ମକଦ୍ଦମାରେ ବିଚାର କରି ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା ୧୨୫୪୪ / ସି.ଏ ତା ୨୧.୦୫.୨୦୧୫ ରିଖ ପତ୍ରର ମର୍ମ ଅନୁଯାୟୀ ନିର୍ଦ୍ଦେଶ ଦେଇ ଅଛନ୍ତି କି ନିୟମିତ କରଣ ପ୍ରକ୍ରିୟା ସାଧାରଣ ପ୍ରଶାସନ ବିଭାଗଙ୍କ ଦ୍ୱାରା BMC କୁ ହସ୍ତାନ୍ତର ହୋଇଥିଲା ବେଳେ ଯେଉଁ ସର୍ତାବଳୀ ଗୁଡ଼ିକ ଲାଗୁ କରାଯାଇ ଥିଲା ତାକୁ ଭିତି କରି ବର୍ତମାନ ନିୟମିତ କରଣ କରାଯାଉ । କିନ୍ତୁ ଦୋକାନୀ ମାନଙ୍କର ଯେମିତି କି ସ୍ଥାୟୀ ଅଧିକାର ସାବ୍ୟସ୍ତ କରି ପାରିବେ ନାହିଁ । ଏହା ଉପରେ କର୍ପୋରେସନଙ୍କ ବିଚାର:- ନଥି ନଂ XXXV- Legal 37/12 ଟିପ୍ପଣୀ ପୃଷ୍ଠା- ୨୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୦). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଯେତିକି ଆବଂଟନ କରିଥିଲେ ସେତିକି ଦୋକାନ ଗୃହର କାଗଜାତ ଯାଂଚ୍ କରାଯାଇ Proper Procidure maintain କରାଯାଇ mutation କରାଯିବ, ଅନ୍ୟ ଗୁଡ଼ିକ ହେବ ନାହିଁ ।

ପ୍ରସ୍ତାବ-୭(୧୧). ଭୁବନେଶ୍ୱର ମହାନଗର ନିଗମର ପ୍ରଶାସନିକ ସୁବିଧା ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ମହାନଗର ନିଗମ ଅନ୍ତର୍ଗତ ଅଂଚଳରେ ସଫଳ ରୂପାୟନ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଅଂଚଳ ଗୁଡ଼ିକୁ ୩ ଗୋଟି ଜୋନ୍ ରେ ବିଭକ୍ତ କରାଗଲା । ପ୍ରତ୍ୟେକ ଜୋନ୍ ର ଦାୟିତ୍ୱରେ ଜଣେ ଜଣେ ଡ଼େପୁଟି କମିଶନରଙ୍କ ତତ୍ୱାବଧାନରେ ରଖାଯିବ, ଯାହାର ଏକ ସଂପୂର୍ଣ୍ଣ ବିବରଣୀ ତଥ୍ୟ ଏଥି ସହ ସଂଲଗ୍ନ କରାଗଲା । ଏହାକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୧୧). ସର୍ବ ସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୨). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ଚିକିତ୍ସାଳୟର କାର୍ଯ୍ୟରତ ଡ଼ାକ୍ତର ମାନଙ୍କର ପ୍ରମୋଶନ୍ ପାଇ ନୂତନ ଜାଗାରେ କାର୍ଯ୍ୟ କରିବା ପାଇଁ ବଦଳି ନିର୍ଦ୍ଦେଶା ନାମା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଆସିଛି । ଉକ୍ତ ଡ଼ାକ୍ତର ମାନଙ୍କ ସ୍ଥାନରେ କୌଣସି ଡ଼ାକ୍ତରଙ୍କୁ ଅବସ୍ଥାପିତ କରାଯାଇ ନ ଥିବାରୁ ମହାନଗର ନିଗମ ସେମାନଙ୍କୁ କାର୍ଯ୍ୟରୁ ନିବୃତ କରିପାରୁ ନାହିଁ, ଯାହା ଫଳରେ କି, ସେମାନଙ୍କର ପ୍ରମୋଶନାଲ୍ ବେତନ ଏବଂ ବରିଷ୍ଠତା ପାଇବାରୁ ବଂଚିତ ହେଉଛନ୍ତି ।

ଏହାକୁ ବିଚାର କରି ମହାନଗର ନିଗମର ସାଧାରଣ ବୈଠକରେ ପ୍ରସ୍ତାବ ଗ୍ରହଣ କରାଗଲାକି ନିମ୍ନଲିଖିତ ଡ଼ାକ୍ତର ମାନଙ୍କୁ ସେମାନଙ୍କର ବର୍ଦ୍ଧିତ ହାରରେ ବେତନ ଓ ଅନ୍ୟାନ୍ୟ ଭତା ଏବଂ ବରିଷ୍ଠତା ସେମାନଙ୍କର ନିର୍ଦ୍ଦିଷ୍ଟ ଦିନ ଠାରୁ (Date of Notification) ପାଇବା ପାଇଁ ପ୍ରସ୍ତାବ ଅନୁମୋଦନ ଲାଭ କଲା ଏବଂ ଏହାକୁ ଗ୍ରହଣ ଓ ଅନୁମୋଦନ କରିବା ପାଇଁ ରାଜ୍ୟ ସହକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ରାଜ୍ୟ ସରକାରଙ୍କ ଗୃହ ନଗର ଉନ୍ନୟନ ବିଭାଗଙ୍କୁ ପଠାଇବା ସଂପର୍କରେ କର୍ପୋରେସନଙ୍କ ବିଚାର :-

| Sl. No. | Name | Rank of the Promotion | Notification Order No. |
|---|---|---|---|
| 1 | Dr. Nirod Ku. Sahoo | Sr. Class I | 9545/H 15.03.2013 |
| 2 | Dr. S.R. Singh | Sr. Class I | 9545/H 15.03.2013 |
| 3 | Dr. Simantini Rout | Sr. Class I | 34150/H 11.12.2013 |
| 4 | Dr. Santosh Ku. Routray | Sr. Class I | 34150/H 11.12.2013 |
| 5 | Dr. Sidharth Shankar Ray | Sr. Class I | 17909/H 05.07.2014 |
| 6 | Dr. Samir Kanta Champati | Sr. Class I | 17909/H 05.07.2014 |
| 7 | Dr. Suresh Chandra Lenka | Sr. Class I | 134181/H 16.06.2015 |
| 8 | Dr. Nirupama Panda | Sr. Class I | 134181/H 16.06.2015 |
| 9 | Dr. Ramakanta Panda | Sr. Class I | 134181/H 16.06.2015 |
| 10 | Dr. Manoj Ku. Tripathy | Sr. Class I | 134181/H 16.06.2015 |
| 11 | Dr. Basanta Ku. Mishra | Sr. Class I | 134181/H 16.06.2015 |

ନିର୍ଦ୍ଧାରଣ-୭(୧୨). ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୧.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଅନନ୍ତ ନାରାୟଣ ଜେନା
ସଭାପତି
ତା ୨୪.୬.୨୦୧୫ ରିଖ

Enclosed of corporation resolution, 7(ii) dt 24.6.2015

Bhubaneswar Municipal Corporation

Phone : 0674- 2431253
Fax : 0674 – 2432895
E_mail : info@bmc.gov.in

No 13760 / Date 24/6/15

**OFFICE ORDER**

For effective administration and execution of different works, the whole area of Bhubaneswar Municipal Corporation is divided into following three zones. One Deputy Commissioner of BMC is kept in charge of the zone. The details of arrangement is as follows:

| Sl. No. | Deputy Commissioner In Charge of Zone | Name of the Zone | Territorial Wards | Circle |
|---|---|---|---|---|
| 1 | Sri Shubhranshu Mishra, OAS, Group-A (JB) | North Zone | 1 to 14 & 16 to 21 and 26 | **Circle-1:** 1,2,6,7, 8, 13, 14,16, 20,21 & 26.<br>**Circle-2:** 3,4,5, 9, 10,11,12,17,18,19. |
| 2 | Ms. Deepti Rani Sahoo, OAS, Group-A (SB) | South-West Zone | 15,22,23,24,25,~~25,~~ 27,37,38,39,46,47, 48,49,50,51,52,62, 63,64,65,66 | **Circle-3:** 15,22, 23,24,25,27,37, 38, 39, 49.<br>**Circle-4:** 46,47, 48,50,51,52,62, 63,64,65,66. |
| 3 | Sri Deepak Routrai, OAS, Group-A (SB) | South-East Zone | 28,29,30,31,32,33, 34,35,36,40,41,42, 43,44,45,53,54,55, 56,57,58,59,60,61 &67 | **Circle-5:** 28,29, 30,31,32,33,34,35, 36,40,41,42.<br>**Circle-6:** 43,44, 45,53,54,55,56,57, 58,59,60, 61 & 67. |

Each zone shall be provided with two Enforcement Squads and two Amins. The team shall look after following works in their respective jurisdiction:

1. All Enforcement Activities, Land matters & unauthorized constructions.
2. Collection of Tax- Holding Tax, License, Advertisement, Parking, and Collection of other charges.
3. Sanitation (All activities relating to Sanitation).
4. Any other work as assigned from time to time.

This order shall come into force with immediate effect.

Commissioner
Bhubaneswar Municipal Corporation

Memo No 13761 / Dated 24/6/15 /

Copy to Officers concerned /All Officers/ All Sectional Heads/ All Ward Officers / Notice Board for information and necessary action.

Commissioner
Bhubaneswar Municipal Corporation

Memo No 13762 / Dated 24/6/15 /

Copy to Hon'ble Mayor / Dy. Mayor / All Corporators for kind information and necessary action.

Commissioner
Bhubaneswar Municipal Corporation

Memo No 13763 / Dated 24/6/15 /

Copy to Commissioner-cum-Secretary to Govt., H & U.D. Department for kind information.

Commissioner
Bhubaneswar Municipal Corporation

DELEGATION ORDER

13-8-15

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଣ୍ ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ସମୟ - ଅପରାହ୍ନ ଘ ୪.୦୦ ଟିକା
ସ୍ଥାନ - ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ

ତା ୨୩.୦୬.୨୦୧୫ରିଖ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ତଥା ସଭାପତି,
୨. ଶ୍ରୀ ନିହାର ରଞ୍ଜନ ସାହୁ,
୩. ଶ୍ରୀ ପ୍ରେମାନନ୍ଦ ଜେନା,
୪. ଶ୍ରୀ ଦିଲ୍ଲିପ କୁମାର ମାଝି,
୫. ଶ୍ରୀ ଅମରେଶ ଜେନା, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍
୬. ଶ୍ରୀ ବିରଂଚି ନାରାୟଣ ମହାସୂପକାର, ଚେୟାରମ୍ୟାନ୍
   ପବ୍ଲିକ୍ ହେଲଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି
୭. ଡ଼ା. କ୍ରିଷନ କୁମାର, (ଆଇ.ଏ.ଏସ୍.)
   ମ୍ୟୁନିସିପାଲ କମିଶନର

ଅଦ୍ୟ ତା ୨୩.୦୬.୨୦୧୫ ରିଖ ଅପରାହ୍ନ ଘ ୪.୦୦ ଟିକା ସମୟରେ ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭୁବନେଶ୍ୱର ମହାନଗର ନିଗମର କଣ୍ ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି ଶ୍ରୀ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. Construction of drain from Mani Molanty House to Gajalaxmi Puja Mandap and from Plot No. 1859/A to Plot No.1991 at Sriram Nagar in Ward No.-59 ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ତିନି ଜଣ ଠିକାଦାର ନିବିଦା ପକାଇଥିଲେ ।

| ନିବିଦା ଦାତା | ନିବିଦା ମୂଲ୍ୟ | ଅଟକଳମୂଲ୍ୟ ଉପରେ ଅଧିକ/କମ୍ |
|---|---|---|
| ୧. ଶ୍ରୀ ବିପିନ୍ ବିହାରୀ ସେଠୀ (ପ୍ରଥମ ସର୍ବନିମ୍ନ ଦରଦାତା) | ଟ ୫,୨୩,୨୮୩=୦୦ | ୧୧.୨୦ % କମ୍ |
| ୨. ଶ୍ରୀ ଗଗନ କୁମାର ରାଉତ୍ (ଦ୍ୱିତୀୟ ସର୍ବନିମ୍ନ ଦରଦାତା) | ଟ ୫,୫୬, ୨୮୨=୦୦ | ୫.୬୦ % କମ୍ |
| ୩. ଶ୍ରୀ ସରୋଜ୍ କୁମାର ପ୍ରଧାନ (ତୃତୀୟ ସର୍ବନିମ୍ନ ଦରଦାତା) | ଟ ୬,୧୨,୮୫୪=୦୦ | ୪.୦୦ % ଅଧିକ |

ନିବିଦା ପ୍ରକ୍ରିୟା ଯାଂଚ୍ ଚାଲୁଥିବା ସମୟରେ ଶ୍ରୀ ବିପିନ୍ ବିହାରୀ ସେଠୀ, ନିଜର ସ୍ୱାସ୍ଥ୍ୟ ଖରାପ ଦର୍ଶାଇ ନିଜର ନିବିଦା ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଛନ୍ତି । ଫଳ ସ୍ୱରୁପ, ଦ୍ୱିତୀୟ ସର୍ବନିମ୍ନ ଦରଦାତା ଶ୍ରୀ ଗଗନ କୁମାର ରାଉତ୍‌କୁ ପ୍ରଥମ ସର୍ବନିମ୍ନ ଦରଦାତାଙ୍କ ଦର ୧୧.୨୦% କମ୍‌ରେ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଳୟ ପତ୍ର ସଂଖ୍ୟା- ୧୧୩୮୮/ ତା ୧୬.୦୫.୨୦୧୫ ରିଖରେ ଅନୁରୋଧ କରାଯାଇଥିଲା ।

ଶ୍ରୀ ଗଗନ କୁମାର ରାଉତ୍, ପ୍ରଥମ ଦରଦାତାଙ୍କ ଦର ୧୧.୨୦% (ଟ ୫,୨୩,୨୮୩=୦୦) ରେ କାର୍ଯ୍ୟ କରିବା ପାଇଁ ନିଜର ସ୍ୱିକୃତି ପ୍ରଦାନ କରିଛନ୍ତି ।

ଶ୍ରୀ ଗଗନ କୁମାର ରାଉତ୍‌ଙ୍କୁ, ଉପରୋକ୍ତ କାର୍ଯ୍ୟପାଇଁ ଅଟକଳ ମୂଲ୍ୟ ଟ ୫,୮୯,୨୮୨=୦୦ ମାତ୍ର ଉପରେ ୧୧.୨୦% କମ୍‌ରେ ମୋଟ ଟ ୫,୨୩,୨୮୩=୦୦ ରେ କାର୍ଯ୍ୟ କରିବା ପାଇଁ ଅନୁମୋଦନ ଓ ପ୍ରଥମ ସର୍ବନିମ୍ନ ଦରଦାତା ଶ୍ରୀ ବିପିନ୍ ବିହାରୀ ସେଠୀଙ୍କ EMD ବାଜ୍ୟାପ୍ତି କରିବା ସହ ଅନ୍ୟାନ୍ୟ ଦୃଷ୍ଟାନ୍ତ ମୂଳକ ଦଣ୍ଡ ପ୍ରଦାନ ପାଇଁ କମିଟିଙ୍କ ବିଚାର:-
ନଥି ନଂ XXIX- Div-II-336/14 ଟିପ୍ପଣୀ ପୃଷ୍ଠା- ୬ ରୁ ୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ଶ୍ରୀ ଗଗନ କୁମାର ରାଉତ୍‌ଙ୍କୁ ସର୍ବନିମ୍ନ ଦରଦାତାଙ୍କ ଦର ଟ ୫,୨୩,୨୮୩/= ମାତ୍ରରେ କରିବା ପାଇଁ ଅନୁମୋଦନ କରିବା ଏବଂ ସର୍ବନିମ୍ନ ଦରଦାତା ଶ୍ରୀ ବିପିନ୍ ବିହାରୀ ସେଠୀଙ୍କୁ EMD ବାଜ୍ୟାପ୍ତି କରିବା ସହିତ ତାଙ୍କୁ BMC ଟେଣ୍ଡରରୁ

୩ ବର୍ଷ ପାଇଁ ବଂଚିତ (Debar) କରିବା ଏବଂ ତାଙ୍କୁ କଳା ତାଲିକା (Black list)) ଭୁକ୍ତ କରିବା ପାଇଁ ଲାଇସେନ୍ସ ପ୍ରଦାନକାରୀ ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୨. "Special repair of wells near Kapileswar Kancha Sahi, Dola Mandap, Danda Sahi, Telikandi near Res.of Late Purna Chandra Sahoo, near Res.of Babu Kandi at Kapileswar Bada Bhoi Sahi and at Danda Sahi, near Res. of Dinabandhu Mallia, near Res.of Lokanath Mallia at Kapileswar Chaura Sahi, near Res.of Late Lita Kumar Mallia at Kapileswar Ponda Sahi and at Kapileswar Singha Sahi, Badhei Sahi near Res.of Sankar Mandei at Patna Sahi at Kapileswar in Ward No.- 59" କାର୍ଯ୍ୟ ପାଇଁ BMC-EED- II- 01/2015-16 ମାଧ୍ୟମରେ ନିବିଦା ଆ ହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ଦୁଇ ଜଣ ନିବିଦା ଦାତା ନିବିଦାରେ ଅଂଶଗ୍ରହଣ କରିଥିଲେ ।

| ନିବିଦା ଦାତା | ନିବିଦାରେ ଉଲ୍ଲେଖ କରିଥିବାପରିମାଣ | ଅଟକଳମୂଲ୍ୟ ଉପରେ କମ୍ |
|---|---|---|
| ୧. ଶ୍ରୀ ହରିହର ପ୍ରଧାନ | ଟ ୧,୬୮,୩୧୧.୦୦ | ୧୪.୯୯ % |
| ୨. ଶ୍ରୀ ଶ୍ରୀଧର ସେଠୀ | ଟ ୧, ୯୩, ୦୪୦.୦୦ | ୨.୫ % |

ନିବିଦା ଯାଂଚ୍ ସମୟରେ ଜଣାଗଲା ଯେ ଶ୍ରୀ ହରିହର ପ୍ରଧାନ, ସାଧାରଣ ସତ୍ୟପାଠ (General Affidavit) DNIT ଅନୁଯାୟୀ ପ୍ରଦାନ କରିନାହାନ୍ତି ଯାହାକି ନିବିଦା ବିଜ୍ଞପ୍ତି ସର୍ତାବଳୀ-୩ ଅନୁଯାୟୀ ନାକଚଯୋଗ୍ୟ ଅଟେ ।

ଶ୍ରୀ ଶ୍ରୀଧର ସେଠୀ, ଏକରୁ ଅଧିକ କାର୍ଯ୍ୟ ପାଇଁ ନିବିଦା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବାରୁ, କାର୍ଯ୍ୟ ସଂପାଦନ କରିବାରେ ଅସୁବିଧା ହେବା ଦର୍ଶାଇ ୱାର୍ଡ଼ ନଂ- ୫୭ ପାଇଁ ଡ଼କାଯାଇଥିବା ନିବିଦାରୁ (File No- XXIX- Div-II-369/2014) କ୍ଷମା ପ୍ରାର୍ଥନା କରି ନିଜର ନିବିଦା ପ୍ରତ୍ୟାହାର କରିନେଇଛନ୍ତି ।

ଶ୍ରୀ ହରିହର ପ୍ରଧାନଙ୍କର ନିବିଦା ନାକଚ କରାଗଲେ ଏହା ଏକକ ନିବିଦା ଭାବରେ ପରିଗଣିତ ହେବ । ଏଣୁ ପୁନଃ ନିବିଦା ଆହ୍ୱାନ କରିବା ସଂପର୍କରେ କମିଟିଙ୍କ ବିଚାର:- (ନଥି ନଂ XXIX- Div-II-58/2015 ଟିପ୍ପଣୀ ପୃଷ୍ଠା- ୩ ରୁ ୬ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟପାଇଁ ମିଳିଥିବା ନିବିଦା ଗୁଡ଼ିକୁ ରଦ୍ଦ(Cancel) କରାଯାଇ ପୁନଃ ନିବିଦା ଆହ୍ୱାନ କରିବା, ଶ୍ରୀ ଶ୍ରୀଧର ସେଠୀଙ୍କୁ BMC ଟେଣ୍ଡରରୁ ୩ ବର୍ଷ ପାଇଁ ବଂଚିତ (Debar) କରିବା ଏବଂ ତାଙ୍କୁ କଳା ତାଲିକା (Black list)) ଭୁକ୍ତ କରିବା ପାଇଁ ଲାଇସେନ୍ସ ପ୍ରଦାନକାରୀ ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୩. Re- Construction of drain from Kapileswar temple to Res. Of Manu Mohanty at Kapileswar in Ward No.-59 କାର୍ଯ୍ୟପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିପାଇଁ ଦୁଇ ଜଣ ଠିକାଦାର ନିବିଦା ପକାଇଥିଲେ ।

| ନିବିଦା ଦାତା | ନିବିଦା ମୂଲ୍ୟ | ଅଟକଳ ମୂଲ୍ୟଠାରୁ କମ୍ |
|---|---|---|
| ୧. ଶ୍ରୀ ହରିହର ପ୍ରଧାନ | ଟ ୮,୪୦,୫୭୯.୦୦ | ୧୪.୯୯ % ($L_1$) |
| ୨. ଶ୍ରୀ ଶ୍ରୀଧର ସେଠୀ | ଟ ୯,୩୯,୩୬୦.୦୦ | ୫.୦୦ % ($L_2$) |

ନିବିଦା ପ୍ରକ୍ରିୟା ଯାଂଚ୍ ସମୟରେ ଜଣାଗଲା ଯେ ଶ୍ରୀ ହରିହର ପ୍ରଧାନ, ସାଧାରଣ ସତ୍ୟପାଠ (General Affidavit) DNIT ଅନୁଯାୟୀ ପ୍ରଦାନ କରିନାହାନ୍ତି (ନିବିଦା ବିଜ୍ଞପ୍ତି ସର୍ତାବଳୀ-୩ ଅନୁଯାୟୀ ଏହା ନାକଚଯୋଗ୍ୟ) ।

ଶ୍ରୀ ଶ୍ରୀଧର ସେଠୀ, ଏକରୁ ଅଧିକ କାର୍ଯ୍ୟ ପାଇଁ ନିବିଦା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବାରୁ, କାର୍ଯ୍ୟ ସଂପାଦନ କରିବାରେ ଅସୁବିଧା ହେବା ଦର୍ଶାଇ ୱାର୍ଡ଼ ନଂ- ୫୭ ପାଇଁ ଡ଼କାଯାଇଥିବା ନିବିଦାରୁ (File No- XXIX- PWD- II-369/2014) କ୍ଷମା ପ୍ରାର୍ଥନା କରି ନିଜର ନିବିଦା ପ୍ରତ୍ୟାହାର କରିନେଇଛନ୍ତି ।

ଶ୍ରୀ ହରିହର ପ୍ରଧାନଙ୍କ ନିବିଦା ନାକଚ କରାଗଲେ, ଏହା ଏକକ ନିବିଦା ଭାବେ ପରିଗଣିତ ହେବ । ତେଣୁ ପୁନଃ ନିବିଦା ବିଜ୍ଞପ୍ତି ଆହ୍ୱାନ କରିବା ସଂପର୍କରେ କମିଟିଙ୍କ ବିଚାର:-(ନଥି ନଂ XXIX- Div-II-338/14 ଟିପ୍ପଣୀ ପୃଷ୍ଠା- ୬ ରୁ ୮ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ-୩. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟପାଇଁ ମିଳିଥିବା ନିବିଦା ଗୁଡ଼ିକୁ ରଦ୍ଦ(Cancel) କରାଯାଇ ପୁନଃ ନିବିଦା ଆହ୍ୱାନ କରିବା ଶ୍ରୀ ଶ୍ରୀଧର ସେଠୀଙ୍କୁ BMC ଟେଣ୍ଡରରୁ ୩ ବର୍ଷ ପାଇଁ ବଂଚିତ (Debar) କରିବା ଏବଂ ତାଙ୍କୁ କଳା ତାଲିକା (Black list)) ଭୁକ୍ତ କରିବା ପାଇଁ ଲାଇସେନ୍ସ ପ୍ରଦାନକାରୀ ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୪. Construction of road from Plot No- EB/158 to EB/ 152, EB/180 to EB/179, EB/194 to EB/201, EB/201 to EB/158 in Ward No. 57 ର କାର୍ଯ୍ୟପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିପାଇଁ ତିନି ଜଣ ଠିକାଦାର ସେମାନଙ୍କର ନିବିଦା ଦାଖଲ କରିଥିଲେ ।

| ନିବିଦା ଦାତା | ନିବିଦା ମୂଲ୍ୟ | ଅଟକଳମୂଲ୍ୟ ଉପରେ ଅଧିକ/କମ୍ |
|---|---|---|
| ୧. ଶ୍ରୀ ଶ୍ରୀଧର ସେଠୀ (ପ୍ରଥମ ସର୍ବନିମ୍ନ ନିବିଦାଦାତା) | ଟ.୧୧,୯୩,୧୭୪=୦୦ | ୧୦.୧୧ % କମ୍ |
| ୨. ଶ୍ରୀ ଧୃତି ସୁନ୍ଦର ବେହେରା (ଦ୍ୱିତୀୟ ସର୍ବନିମ୍ନ ନିବିଦାଦାତା) | ଟ. ୧୩,୯୩, ୭୪୦=୦୦ | ୫.୦୦ % ଅଧିକ |
| ୩. ଶ୍ରୀ ଶୋଭନ୍ ମହାନ୍ତି (ତୃତୀୟ ସର୍ବନିମ୍ନ ଦରଦାତା) | ଟ. ୧୪,୩୩,୫୬୧=୦୦ | ୮.୦୦ % ଅଧିକ |

ନିବିଦା ଯାଂଚ୍ ପ୍ରକ୍ରିୟା ଚାଲୁଥିବା ସମୟରେ ସର୍ବନିମ୍ନ ନିବିଦା ଦାତା ଶ୍ରୀ ଶ୍ରୀଧର ସେଠୀ ଏକରୁ ଅଧିକ କାର୍ଯ୍ୟ କରୁଥିବାରୁ ନିବିଦାରୁ ନିବୃତ ହେବାପାଇଁ ଅନୁରୋଧ କରିଥିବା ସଙ୍ଗେ ସଙ୍ଗେ, ଭୁଲ ବଶତଃ ନିବିଦାରେ ଅଂଶଗ୍ରହଣ କରିଥିବାରୁ କ୍ଷମା ପ୍ରାର୍ଥନା କରିଛନ୍ତି । ତେଣୁ ଦ୍ୱିତୀୟ ସର୍ବନିମ୍ନ ନିବିଦା ଦାତା ଶ୍ରୀ ଧୃତି ସୁନ୍ଦର ବେହେରାଙ୍କୁ ପ୍ରଥମ ସର୍ବନିମ୍ନ ନିବିଦା ଦାତା ମୂଲ୍ୟରେ (ଅଟକଳ ମୂଲ୍ୟଠାରୁ ୧୦.୧୧ % କମ୍) ରେ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଳୟ ପତ୍ର ସଂଖ୍ୟା- ୧୧୩୮୬/ ତା ୧୬.୦୫.୨୦୧୫ ରିଖରେ ଅନୁରୋଧ କରାଯାଇଥିଲା । ଶ୍ରୀ ବେହେରା ଅଟକଳ ମୂଲ୍ୟଠାରୁ ୧୦.୧୧ % କମ୍‌ରେ କାର୍ଯ୍ୟ କରିବା ପାଇଁ ତାଙ୍କର ସ୍ୱିକୃତି ପ୍ରଦାନ କରିଛନ୍ତି ।

ଶ୍ରୀ ଶ୍ରୀଧର ସେଠୀ ପୈଠ କରିଥିବା EMD ବାଜ୍ୟାପ୍ତି କରାଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବା ସହ ଦ୍ୱିତୀୟ ସର୍ବନିମ୍ନ ନିବିଦା ଦାତା ଶ୍ରୀ ଧୃତି ସୁନ୍ଦର ବେହେରା ପ୍ରଥମ ସର୍ବନିମ୍ନ ମୂଲ୍ୟରେ (ଅଟକଳ ମୂଲ୍ୟଠାରୁ ୧୦.୧୧ % କମ୍) ରେ କାର୍ଯ୍ୟ କରିବା ପାଇଁ ଅନୁମୋଦନ ସଂପର୍କରେ କମିଟିଙ୍କ ବିଚାର:-(ନଥି ନଂ XXIX- Div-II-369/14 ଟିପ୍ପଣୀ ପୃଷ୍ଠା- ୭ ରୁ ୧୦ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ-୪. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ଶ୍ରୀ ଧୃତି ସୁନ୍ଦର ବେହେରାଙ୍କୁ ସର୍ବନିମ୍ନ ଦରଦାତାଙ୍କ ଦର ଟ ୧୧,୯୩,୧୭୪/= ମାତ୍ରରେ କରିବା ପାଇଁ ଅନୁମୋଦନ କରିବା ପାଇଁ କର୍ପୋରେସନକୁ ସୁପାରିଶ କରାଗଲା ଏବଂ ସର୍ବନିମ୍ନ ଦରଦାତା ଶ୍ରୀ ଶ୍ରୀଧର ସେଠୀଙ୍କୁ BMC ଟେଣ୍ଡରରୁ ୩ ବର୍ଷ ପାଇଁ ବଂଚିତ (Debar) କରିବା ଏବଂ ଶ୍ରୀ ସେଠୀଙ୍କୁ କଳା ତାଲିକା (Black list)) ଭୁକ୍ତ କରିବା ପାଇଁ ଲାଇସେନ୍ସ ପ୍ରଦାନକାରୀ ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା BMC- EED-1- 04/2014-15, ତା ୦୩.୧୧.୨୦୧୪ ରିଖରେ ୱାର୍ଡ଼ ନଂ-୬୩, ଜାଗମରା ଜଗୁ ପଟ୍ଟନାୟକ ଘର ଠାରୁ କୃଷ୍ଣ ମହାନ୍ତି ଘର ପର୍ଯ୍ୟନ୍ତ ରାସ୍ତା ଓ ନାଳ ନିର୍ମାଣ ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ଅଂଶ ଗ୍ରହଣ କରିଥିବା ୪ ଜଣ ଠିକାଦାରଙ୍କ ମଧ୍ୟରୁ ଶ୍ରୀ ସଂଜୟ କୁମାର ସେଠୀ $L_1$ bidder ଦାଖଲ କରିଥିବା ସର୍ବନିମ୍ନ ଦରକୁ Standing Committee On Contracts Resolution No- 9 (10) ତା ୨୫.୦୨.୨୦୧୫ ରେ ଅନୁମୋଦନ କରାଯାଇଥିଲା । ଶ୍ରୀ ସେଠୀଙ୍କୁ BMC ପତ୍ର ସଂଖ୍ୟା ୫୫୪୩ ତା ୦୨.୦୩.୨୦୧୫ ଓ Final Notice BMC ପତ୍ର ସଂଖ୍ୟା ୭୯୫୦ ତା ୩୦.୦୩.୨୦୧୫ ମାଧ୍ୟମରେ Agreement କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେ କୌଣସି ଉତର ଦେଲେ ନାହିଁକି କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷର କଲେ ନାହିଁ । ଏହି ପରିସ୍ଥିତିରେ $L_2$ ଠିକାଦାର ଶ୍ରୀ ସନତ ମିଶ୍ରଙ୍କ ସହ ଯୋଗାଯୋଗ କରାଗଲା ଓ ସେ $L_1$ bidder ଦାଖଲ କରିଥିବା ଦର (-)୧.୫ % କମ୍ ରେ କାମଟିକୁ କରିବା ପାଇଁ ଲିଖିତ ସମ୍ମତି ପ୍ରକାଶ କରିଛନ୍ତି । ଏହି ପରିସ୍ଥିତିରେ OPWD Code Vol-1, Para 3.5.14 note I ଅନୁଯାୟୀ ଶ୍ରୀ ସଂଜୟ କୁମାର ସେଠୀ ଦାଖଲ କରିଥିବା EMD କୁ ବାଜ୍ୟାପ୍ତ କରିବା, ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ BMC Tender ରେParticipate କରିବାରୁ ବଂଚିତ କରିବା ଓ $L_2$ bidder, ଶ୍ରୀ ସନତ ମିଶ୍ରଙ୍କୁ $L_1$ Rate (@- 1.5 % Less) ରେ ଟ ୯,୮୯,୫୬୩/= ମାତ୍ର ଗ୍ରହଣ/ ଅନୁମୋଦନ କରିବା ସଂପର୍କରେ କମିଟିଙ୍କ ବିଚାର:-
ନଥି ନଂ XXIX- Div-I-1261/14 ଟିପ୍ପଣୀ ପୃଷ୍ଠା- ୧୮ ରୁ ୧୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୫. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬. ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ପୁରୁଣା ୱାର୍ଡ଼ ନମ୍ବର ୨୯ ତଥା ନୂଆ ୱାର୍ଡ଼ ନମ୍ବର ୬୩ ରେ ଥିବା ଜାଗମରା ମୁଖ୍ୟ ରାସ୍ତା ଠାରୁ ପ୍ଲଟ୍ ନଂ- ୨୧୫ ପର୍ଯ୍ୟନ୍ତ (ବାସୁଦେବ ବିହାର) ରାସ୍ତା ନିର୍ମାଣ ପାଇଁ କଣ୍ଟ୍ରାକ୍ଟର ଶ୍ରୀ ଦାମୋଦର ବେହେରାଙ୍କୁ BMC ପତ୍ର ସଂଖ୍ୟା ୧୧୮୬୩ ତା ୦୫.୦୬.୨୦୧୩ ରିଖରେ କାର୍ଯ୍ୟାଦେଶ ଦିଆଯାଇଥିଲା । ଶ୍ରୀ ବେହେରା କାର୍ଯ୍ୟଟିକୁ ଆରମ୍ଭ ନ କରିବାରୁ Standing Committee On Contracts Resolution No- 05 ତା ୨୫.୦୨.୨୦୧୫ ଅନୁଯାୟୀ ଏହି କାମ ପାଇଁ ଶ୍ରୀ ବେହେରାଙ୍କ ସହିତ ହୋଇଥିବା Agreement କୁ 20 % Penalty ସହିତ Rescind କରାଯାଇଥିଲା । ଏହାଛଡ଼ା ଠିକାଦାର ଶ୍ରୀ ବେହେରାଙ୍କୁ BMC Tender ରୁ ବଂଚିତ କରାଯାଇ ତାଙ୍କର Licence କୁ Further Renew ନ କରିବା ପାଇଁ ଏବଂ ତାଙ୍କର DSC କୁ Block କରିବା ପାଇଁ ମଧ ଉପରୋକ୍ତ Contracts Committee Resolution ରେ ନିର୍ଦ୍ଧାରଣ ହୋଇଥିଲା । ଏହି କାର୍ଯ୍ୟାନୁଷ୍ଠାନରେ ଦୁଃଖିତ ହୋଇ ଶ୍ରୀ ବେହେରା ତା ୧୭.୦୪.୨୦୧୫ ରେ BMCର ମାନ୍ୟବର ମେୟରଙ୍କୁ ଲିଖିତ ଆକାରରେ ନିଜର ଭୁଲ ସ୍ୱିକାର କରିବା ସହିତ ଏହା ତାଙ୍କର ପ୍ରଥମ ଭୁଲ୍ ଦର୍ଶାଇ ତାଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ କୁ ପ୍ରତ୍ୟାହାର ପାଇଁ ନିବେଦନ କରିଛନ୍ତି । ସେ ଏହି କାମଟିକୁ ଆଉ ଅବହେଳା ନକରି ସୁଚାରୁରୂପେ ସଂପାଦନ କରିବା ପାଇଁ ମଧ ଅନୁମତି ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ଠିକାଦାର ଶ୍ରୀ ଦାମୋଦର ବେହେରାଙ୍କୁ ସଂପୃକ୍ତ କାର୍ଯ୍ୟଟିକୁ ସଂପାଦନ ତଥା ଶେଷ କରିବା ପାଇଁ ଅନୁମତି ଦେବା ଓ ତାଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ କୁ ପ୍ରତ୍ୟାହାର ସଂପର୍କରେ କମିଟିଙ୍କ ବିଚାର :-
ନଥି ନଂ XXIX- PW- Div-I-1344/2012 ଟିପ୍ପଣୀ ପୃଷ୍ଠା- ୨୧ ରୁ ୨୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୬. ଗତ ତା ୨୫.୦୨.୧୫ ରିଖ ନିର୍ଦ୍ଧାରଣ ସଂଖ୍ୟା-୫ କାଏମ୍ ରହିଲା ଏବଂ ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ପୁନଃ ନିବିଦା ଆହ୍ୱାନ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୭. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ବୈଦ୍ୟୁତିକ /ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

| କ୍ର ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1 | Supply of 10 nos skilled ITI Personel for maintenance of Street Light Works in BMC File No.- XXVII-117/2015 | 9,93,161=00 | 12,59,619=00 | M/S Binory Care taking Pvt. Ltd. | 26.8 % |
| 2 | Constn. of drain from Garage Chhak Lingaraj Temple Road to Gouri Nagar Culvert in Ward No.- 54 (New-60) File No.- XXIX-PWD- II- 04/2012 | 13,16,039=62 | 13,55,521=00 | Prasanta Ku. Pujapanda | 3.0 % W.B. 2011-12 |

ନିର୍ଦ୍ଧାରଣ-୭. ପ୍ରସ୍ତାବ ବର୍ଣ୍ଣିତ କ୍ର ନଂ ୦୧ ଓ ୦୨ ମଧରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ପରିମାଣ ଓ ସଂପୃକ୍ତ କାମର ପାର୍ଶ୍ୱଲିଖିତ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣା କୃତ ଦର ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC-Act-2003ର ଧାରା- 277(2)(d) ମତେ ଗ୍ରହଣ/ଅନୁମୋଦନ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରକାଶ ଥାଉକି କ୍ର ନଂ ୦୧ରେ ବର୍ଣ୍ଣିତ କାର୍ଯ୍ୟ ପାଇଁ M/S Binory Care taking Pvt. Ltd. କାର୍ଯ୍ୟରତ ଶ୍ରମିକ ମାନଙ୍କୁ Labour & ESI Department_ବିଜ୍ଞପ୍ତି ସଂଖ୍ୟା LL-1 (AR)- 1/15 3716/LES/ ତା ୩୦.୪.୨୦୧୫ ରିଖ ଅନୁଯାୟୀ ମଜୁରୀ ପୈଠ କରିବେ ଏବଂ LED ସଂସ୍ଥା ଆଉ ଅଧିକ କର୍ମଚାରୀ ବଢାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୮. ଭୁବନେଶ୍ୱର ମହାନଗର ନିଗମାଂଚଳ ଅନ୍ତର୍ଗତ ୪(ଚାରି) ଗୋଟି ଆହାର ସେଣ୍ଟର ଉଦ୍‌ଘାଟନ ତଥା ସୁପରିଚାଳନା ନିମନ୍ତେ ଡେ଼ପୁଟି କମିଶନର (ପ୍ରୋଜେକ୍ଟ) ଙ୍କ ନିର୍ଦ୍ଦେଶ ମତେ ସାଧାରଣ ଭଣ୍ଡାର ତରଫରୁ Annexture –A ମତେ ସାମଗ୍ରୀ ଗୁଡ଼ିକ କ୍ରୟ କରାଯାଇ ଯୋଗାଇ ଦିଆଯାଇ ଥିଲା । ଉକ୍ତ ବାବଦରେ ଟ ୧,୬୮,୩୫୩/- ର ବିଲ୍ ସାଧାରଣ ଭଣ୍ଡାର ରକ୍ଷକଙ୍କ ଦ୍ୱାରା ଦାଖଲ କରାଯାଇ ଅଛି । ଉକ୍ତ ବିଲ୍ ପଇଠ ନିମନ୍ତେ କମିଟିଙ୍କ ବିଚାର :-

(ପ୍ରକାଶ ଥାଉକି ଉକ୍ତ ଆହାର ଆକାଉଣ୍ଟରେ ଟ ୧୬,୦୦,୦୦୦/- ମାତ୍ର ଅଦ୍ୟାବଧି ଜମା ଅଛି ଏବଂ ଉକ୍ତ ଅର୍ଥ ଏହି ଜମା ରାଶିରୁ ଖର୍ଚ୍ଚ କରାଯିବ ।)

ନଥି ନଂ XXXXII- 97/15 (pt) ଟିପ୍ପଣୀ ପୃଷ୍ଠା- ୪ ରୁ ୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮. ପ୍ରସ୍ତାବ ବର୍ଣ୍ଣିତ ଅର୍ଥ ମହାନଗର ନିଗମ ପାଣ୍ଠିରୁ ବହନ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୯. ତା ୨୮.୦୪.୨୦୧୫ ରିଖ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ନିର୍ଦ୍ଧାରଣ- ୧୧(କ) ଅନୁସାରେ ଭୁବନେଶ୍ୱର ସହରର ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କର ଏକ ପୂର୍ଣ୍ଣାଙ୍ଗ ସର୍ଭେକ୍ଷଣ ଓ ବିସ୍ତୃତ ଥଇଥାନ ଯୋଜନା ପ୍ରସ୍ତୁତି ନିମନ୍ତେ ମନୋନିତ ହୋଇଥିବା IBI Group କୁ ସେବା ଟିକସ ବ୍ୟତୀତ ଟ ୬୦.୦୦ ଲକ୍ଷ ଦେବା ପାଇଁ ସ୍ଥିର କରାଯାଇ ନିଷ୍ପତି ନିଆଯାଇଥିଲା । ସରକାରଙ୍କ ଠାରୁ ଅର୍ଥ ମିଳିବା ପରେ IBI Group କୁ ସେହି ଅର୍ଥ ଦିଆଯିବ, ମାତ୍ର ମହାନଗର ନିଗମ ପାଣ୍ଠିରୁ ଅର୍ଥ ଖର୍ଚ୍ଚ ହେବ ନାହିଁ । କିନ୍ତୁ ରାଜ୍ୟ ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ BMC ପତ୍ର ସଂଖ୍ୟା ୧୨୭୨୦ ତା ୦୪.୦୬.୨୦୧୫ ରିଖ ରେ ଏହି ଅର୍ଥ ଦେବା ନିମନ୍ତେ ଅନୁରୋଧ କରାଯାଇ ଅଛି । ଯଦି ସରକାର ସେହି ଅର୍ଥ ନ ଦିଅନ୍ତି, ତେବେ ରାସ୍ତା ପାର୍ଶ୍ୱ ବ୍ୟବସାୟୀ ମାନଙ୍କର ଥଇଥାନ କରିବା ମହାନଗର ନିଗମର ଦାୟିତ୍ୱ ହୋଇଥିବାରୁ ଉପରୋକ୍ତ କାର୍ଯ୍ୟ ସଂପାଦନ ନିମନ୍ତେ ରାଜ୍ୟ ସରକାରଙ୍କ ଠାରୁ ଅର୍ଥ ପ୍ରାପ୍ତି ପ୍ରତ୍ୟାଶାରେ ମହାନଗର ନିଗମ ପାଣ୍ଠିରୁ ଅର୍ଥ ଖର୍ଚ୍ଚ ପାଇଁ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ପୁନଃ ବିଚାର :-(ନଥି ନଂ XXXXII- UPA- 77/14 ଟିପ୍ପଣୀ ପୃଷ୍ଠା- ୧୦ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ-୯. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟର ଖର୍ଚ୍ଚ ୫୦ ଲକ୍ଷ ଟଙ୍କାରୁ ଅଧିକ ହେଉଥିବାରୁ ଏହାର ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କୁ ପଠାଇବା ଏବଂ ଉକ୍ତ ଅର୍ଥ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତି ଆଶାରେ ମହାନଗର ନିଗମ ପାଣ୍ଠିରୁ ଅର୍ଥ ବହନ କରିବା ସଂପର୍କରେ ବିଚାର କରିବା ପାଇଁ ସର୍ବ ସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ -୧୦. ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟର License Section ନିମନ୍ତେ ଏକ GPS device ର ଆବଶ୍ୟକ ଥିବାରୁ ୩ (ତିନି) ଗୋଟି ସଂସ୍ଥାରୁ ସେମାନଙ୍କର Quotation ମଗାଯାଇଥିଲା । ନଥି ନଂ XXII- (L)- 104/15 ପତ୍ରାଳାପ ପୃଷ୍ଠା-୧୨ ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀକୁ ଭିତିକରି ସର୍ବନିମ୍ନ ଦର ଦାତା B.K. Communication ଙ୍କ ଠାରୁ ସର୍ବନିମ୍ନ ଦର ଟ ୧୪,୧୭୫/- ମୂଲ୍ୟରେ GPS device (Gerwin make GPS Etrex- 20) କ୍ରୟ କରାଯିବା ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧୦. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୧. ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ଏବଂ Planning Division ର Computer Peripherial ଏବଂ Office Furniture ର ବ୍ୟବହାର ନିମନ୍ତେ ମାନ୍ୟବର ମେୟରଙ୍କ ଆଦେଶ ମତେ Limited Tender Enquiry ମାଧ୍ୟମରେ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ Computer Peripherial ଯୋଗାଇବା ପାଇଁ ୩(ତିନି) ଗୋଟି ସଂସ୍ଥା ଏବଂ Office Furniture ଯୋଗାଇବା ପାଇଁ ୫(ପାଂଚ) ଗୋଟି ସଂସ୍ଥା ସେମାନଙ୍କର ଦର ଦାଖଲ କରିଥିଲେ । ସେଥି ମଧ୍ୟରୁ Computer Peripherial ଯୋଗାଇବା ପାଇଁ ସର୍ବନିମ୍ନ ଦର ଦାତା ନଥି ନଂ XXXIV- GS35/14 ପତ୍ରାଳାପ ପୃଷ୍ଠା ୬୮ ରେ ବର୍ଣ୍ଣିତ ତୁଳନାତ୍ମକ ବିବରଣୀ ଅନୁଯାୟୀ Subham Infotech ଙ୍କ ଠାରୁ Annexure- A ମତେ ଏବଂ Office Furniture ଯୋଗାଇବା ପାଇଁ ପତ୍ରାଳାପ ପୃଷ୍ଠା ୫୦ ରେ ବର୍ଣ୍ଣିତ ତୁଳନାତ୍ମକ ବିବରଣୀ ଅନୁଯାୟୀ Annexure- B ମତେ ବର୍ଣ୍ଣିତ ସର୍ବନିମ୍ନ ଦରରେ ସାମଗ୍ରୀ ଗୁଡ଼ିକ କ୍ରୟ ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧୧. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୨. ଭୁବନେଶ୍ୱର ସହରର ବସ୍ତି ଗୁଡ଼ିକର ପୁନଃ ଉନ୍ନତି କରଣ କାର୍ଯ୍ୟ ସହଭାଗିତା ମାଧ୍ୟମରେ କାର୍ଯ୍ୟକାରୀ କରିବା ଲକ୍ଷ ରଖି ସେଥିପାଇଁ ଏକ Techno- Economic Feasibility Report ବା ଆର୍ଥିକ ବିବରଣୀ ପ୍ରସ୍ତୁତି ନିମନ୍ତେ Transaction Advisor (ଆଦାନ ପ୍ରଦାନ ଉପଦେଷ୍ଟା) ଓ ଉନ୍ନୟନ ସଂସ୍ଥା ଚୟନ ନିମନ୍ତେ ନିବିଦା ଆହ୍ୱାନ କରାଯାଇ ଥିଲା ।

ନିବିଦା ଅନୁସାରେ ନିମ୍ନ ୨ ଟି ସଂସ୍ଥା ସେମାନଙ୍କର କାଗଜାତ ସହ ପ୍ରସ୍ତାବ ଦାଖଲ କରିଥିଲେ ।

1- Jones Lang La Salle
2- Ernst & Young LLP

ନିବିଦାର ପ୍ରସ୍ତାବ ଓ କାଗଜାତ ଗୁଡ଼ିକୁ ଅନୁଧାନ କରିବା ପାଇଁ ଏକ କମିଟି ଗଠନ କରାଯାଇ ଥିଲା । କମିଟିର ତର୍ଜମା ପରେ ଜଣାଗଲା ଯେ Jones Lang La Salle Technically ଯୋଗ୍ୟ ନ ହେବା ହେତୁ ଏକମାତ୍ର "Ernst & Young LLP" ସଂସ୍ଥା ସହ ଭାଗିତା ମାଧ୍ୟମରେ ବସ୍ତିର ପୁନଃ ଉନ୍ନୟନ କାର୍ଯ୍ୟ ସମୁଦାୟ ମୂଲ୍ୟର ଶତକଡ଼ା ୦.୯୭ (ସମସ୍ତ ଟିକସ ସହ) ଓ ସେବା ଟିକସ ବ୍ୟତୀତ ସଂପାଦନ ପାଇଁ ମତ ଦେଇ ଅଛି ।

ମାତ୍ର ଏହା ଗୋଟିକିଆ ସଂସ୍ଥାର ନିବିଦା ହୋଇଥିବା ହେତୁ Transaction Advisor ନିଯୋଜନ ନିମନ୍ତେ ମହାନଗର ନିଗମ ପତ୍ର ସଂଖ୍ୟା ୧୨୩୦୭ ତା ୨୮.୦୫. ୨୦୧୫ ରିଖ ରେ ଯୋଜନା ଓ ସମନ୍ୱୟ ବିଭାଗ ଓଡ଼ିଶାଙ୍କ ମତାମତ ମଗାଯାଇଥିଲା । ତାହାର ଉତରରେ ପତ୍ର ସଂଖ୍ୟା ୭୫୦୫ ତା ୧୭.୦୬.୨୦୧୫ ରିଖରେ ଯୁଗ୍ମ ନିର୍ଦ୍ଦେଶକ (PPP) ଯୋଜନା ଓ ସମନ୍ୱୟ ବିଭାଗ ଜଣାଇଥିଲେ ଯେ ଜଣକିଆ ନିବିଦା ଗ୍ରହଣ କରିବାରେ ଆପତି ନାହିଁ । ପ୍ରକାଶ ଥାଉକି ଉପରୋକ୍ତ ବିଭାଗ ତାଙ୍କ ପତ୍ର ସଂଖ୍ୟା ୨୧୨୪ ତା ୧୯.୦୨.୨୦୧୫ ରିଖ ରେ ଜଣାଇଥିଲେ ଯେ Transaction Advisor ମନୋନିତ ପରେ ମହାନଗର ନିଗମ Transaction Advisor ବାବଦୀୟ ଅର୍ଥ ସହାୟତା ପାଇଁ ଯୋଜନା ଓ ସମନ୍ୱୟ ବିଭାଗ ଓଡ଼ିଶାଙ୍କୁ ଜଣାଇ ପାରିବେ ।

ନଥି ନଂ XXXXVI- RAY- 96/2014 ଟିପ୍ପଣୀ ପୃଷ୍ଠାଙ୍କ 17 ରୁ 20 ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ଆଦେଶ ଅନୁଯାୟୀ Ernst & Young LLP ସଂସ୍ଥାକୁ PPP mode ରେ ଭୁବନେଶ୍ୱର ସହର ବସ୍ତି ପୁନଃ ଉନ୍ନତି କରଣର Transaction Advisor ରୂପେ ଅନୁମୋଦନ ପାଇଁ କଣ୍ଟ୍ରାକ୍ଟସ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧୨. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୩. ଭୁବନେଶ୍ୱର ମହାନଗର ନିଗମାଂଚଳ Bharatpur Slum Rehabilitation Project Under BSUP କାର୍ଯ୍ୟ ନିମନ୍ତେ SPARC ସଂସ୍ଥାଙ୍କ ସହିତ ଟ.୪,୨୫,୧୫,୬୯୦/- ମାତ୍ରର ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି କାର୍ଯ୍ୟ ତା ୩୧.୦୩.୨୦୧୧ ରିଖ ସୁଦ୍ଧା ଶେଷ କରିବା ପାଇଁ ଚୁକ୍ତି ପତ୍ର ଧାର୍ଯ୍ୟ ହୋଇଥିଲା । ଉକ୍ତ ସଂସ୍ଥା ଏହି କାର୍ଯ୍ୟ ଶେଷ ନକରିବାରୁ Standing Committee on Contracts ନିର୍ଦ୍ଧାରଣ ସଂଖ୍ୟା- ୯ ତା ୨୭.୦୧.୧୫ ରିଖ ଅନୁସାରେ ଉକ୍ତ ସଂସ୍ଥାଙ୍କ ସହିତ ହୋଇଥିବା Agreement କୁ Rescind କରିବା ସହିତ Penality @ 20% of the Agreement Value of the Left over Work Impose କରାଯାଇଛି । SPARC ଏକ NGO ସଂସ୍ଥା ହୋଇଥିବାରୁ ଏହି Penality କୁ ସଂପୃକ୍ତ Agency M/S SPARC dt.16.03.2015 ରେ Penality With draw କରିବା ପାଇଁ ଅନୁରୋଧ କରିଛନ୍ତି । ଏ ସଂକ୍ରାନ୍ତରେ ନଥି ସଂଖ୍ୟା- XXIX- PWD- I-1306/14 ରେ ଉପଲବ୍ଧ Document ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ତାଙ୍କ ଉପରେ Impose ହୋଇଥିବା Penality ପ୍ରତ୍ୟାହାର ବିଷୟରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୧୩. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୪. ସମୟର ସ୍ୱଳ୍ପତା ଦୃଷ୍ଟିରୁ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ଦ୍ୱାରା ଆହୁତ ବୈଠକ ନିଷ୍ପତି କ୍ରମେ ୨୦୧୧ ବର୍ଷର ସାମାଜିକ, ଅର୍ଥନୈତିକ, ଜାତିଗତ ଜନଗଣନା ଚିଠା ତାଲିକା ଛପାଇବା ଉଦ୍ଦେଶ୍ୟରେ ମେମର୍ସ ସନ୍‌ବନ୍ ପ୍ରାଇଭେଟ୍ ଲିମିଟେଡ୍‌ଙ୍କ ସହ ୩ ଫର୍ଦ୍ଦ ଛପା ବାବଦକୁ ଟ ୧.୭୪ ପଇସା ଏବଂ A,B,C,D ଏବଂ E ଫର୍ମ ଛପା ବାବଦକୁ ଗୋଟିଏ ଫର୍ଦ୍ଦକୁ ଟ ୦.୪୫ ପଇସା ହିସାବରେ କାର୍ଯ୍ୟର ଜରୁରୀ ଆବଶ୍ୟକତା ଦୃଷ୍ଟେ ଚୁକ୍ତି ସ୍ୱାକ୍ଷରିତ କରାଯାଇ ଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-
ନଥି ନଂ IX- SECC- 11 04/2015

ନିର୍ଦ୍ଧାରଣ-୧୪. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୫. ଭୁବନେଶ୍ୱର ମହାନଗର ନିଗମ ଅଧିନରେ ପରିଚାଳିତ ପାର୍କିଂ ସ୍ଥାନ ଗୁଡ଼ିକ ମଧ୍ୟରୁ ୪୫ ଗୋଟି ପାର୍କିଂ ସ୍ଥାନକୁ ନିଲାମ କରିବା ନିମିତ ନିଗମ ପତ୍ର ସଂଖ୍ୟା ନଂ ୧୨୮୧୯ ତା ୦୬.୦୬.୨୦୧୫ ରିଖ ମଧ୍ୟରେ ନିବିଦା ଆହ୍ୱାନ କରାଯାଇଥିଲା । ପ୍ରକାଶ ଥାଉକି ୪୫ ଗୋଟି ପାର୍କିଂ ସ୍ଥାନ ମଧ୍ୟରୁ କେବଳ ନିମ୍ନଲିଖିତ ୧୨ ଗୋଟି ପାର୍କିଂ ସ୍ଥାନ ପାଇଁ ନିବିଦା ଦରଖାସ୍ତ ହସ୍ତଗତ ହୋଇଥିଲେ ହେଁ ଅବଶିଷ୍ଟ ୨୮ ଗୋଟି ପାର୍କିଂ ସ୍ଥାନ ପାଇଁ କୌଣସି ନିବିଦା ହସ୍ତଗତ ହୋଇ ନ ଥିଲା ।

| Sl No | Name of the Parking Lot | Up set price | Bid amount | Name of the Bider |
|---|---|---|---|---|
| 1 | Parking Lot, Infront of Kamyab T.V. Office | Rs. 4,42,380/- | Rs. 6,03,000/-<br>Rs. 4,46,000/-<br>Rs.4,43,500/- | Debasis Pattanayak<br>Surya Kanta Tripathy<br>Sibananda Swain |
| 2 | Infront of Rabindra medical Hall | Rs. 1,66,440/- | Rs. 1,75,500/-<br>Rs. 1,70,000/- | Pratap Ku. Barik<br>Rakhee Dash |
| 3 | On street Parking from Khadim Shoes to Shree Leather Shoes | Rs. 4,00,400/- | Rs.4,40,000/- | Dillip Ku. Biswal |
| 4 | On street Parking from Infront of Dhawan building to Infront of Pantaloon | Rs. 2,54,800/- | Rs. 2,80,000/- | Dillip Ku. Biswal |
| 5 | On street Parking from Rupali square to Maharshi College square | Rs. 4,36,800/- | Rs. 4,70,000/- | Dillip Ku. Biswal |
| 6 | Parking Place in front of Pantaloon | Rs. 2,93,546/- | Rs. 3,25,000/- | Kishor Kanta Mallick |
| 7 | Parking Lot at Gandhi Park | Rs. 96,360/- | Rs. 1,05,000/- | Kishor Kanta Mallick |
| 8 | Parking Lot near Exhibition Ground Unit-3 | Rs. 2,80,320/- | Rs. 2,81,339/- | Braja Kishore Sahoo |
| 9 | Infront of Hotel Hindustan International | Rs. 3,06,600/- | Rs.3,07,501/- | Sandeep Sharma |
| 10 | Parking Infront of Hotel May fair Lagoon | Rs. 4,50,100/- | Rs. 4,61,000/- | Dillip Ku. Chhabra |
| 11 | Parking Lot Infront of Khadi board to Mehers Show room | Rs. 3,09,520/- | Rs. 3,15,000/- | Rakhee Dash |
| 12 | Parking Lot Infront of Hotel crown | Rs. 1,54,760/- | Rs. 1,60,000/- | . Rakhee Dash |

କ୍ରମିକ ନଂ- ୧. Infront of Kamyab TV Office ପାଇଁ Upset Price Rs. 4,42,380/- ଥିବାବେଳେ ଏହାର ସର୍ବୋଚ୍ଚ ଦରଦାତା Sri Debasis Pattanayak ତାଙ୍କର ନିବିଦା ଦର Rs. 6,03,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ-୨. ରେ Infront of Rabindra medical Hall ପାଇଁ Upset Price Rs. 1,66,440/- ଥିବାବେଳେ ଏହାର ସର୍ବୋଚ୍ଚ ଦରଦାତା Sri Pratap Ku. Barik ତାଙ୍କର ନିବିଦା ଦର Rs. 1,75,500/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୩ ରେ On street Parking Khadims Shoes to Shree Leather Shoes ପାଇଁ Upset Price Rs. 4,00,400/- ମାତ୍ର ଥିବାବେଳେ ଏହାର ସର୍ବୋଚ୍ଚ ଦରଦାତା Sri Dillip Ku. Biswal ତାଙ୍କର ନିବିଦା ଦର Rs. 4,40,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୪. ରେ on street Parking from Infront of Dhawan building to Infront of Pantaloon ପାଇଁ Upset Price Rs. 2,54,800/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Dillip Ku. Biswal ତାଙ୍କର ନିବିଦା ଦର Rs. 2,80,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୫. ରେ On street Parking from Rupali square to Maharshi College square ପାଇଁ Upset Price Rs. 4,36,800/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Dillip Ku. Biswal ତାଙ୍କର ନିବିଦା ଦର Rs. 4,70,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୬. ରେ Parking Place in front of Pantaloon ପାଇଁ Upset Price Rs. 2,93,546/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Kishor Kanta Mallick ତାଙ୍କର ନିବିଦା ଦର Rs. 3,25,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୭. ରେ Parking Lot at Gandhi Park ପାଇଁ Upset Price Rs. 96,360/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Kishor Kanta Mallick ତାଙ୍କର ନିବିଦା ଦର Rs. 1,05,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୮. ରେ Parking Lot near Exhibition Ground Unit-3 ପାଇଁ Upset Price Rs. 2,80,320/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Braja Kishore Sahoo ତାଙ୍କର ନିବିଦା ଦର Rs. 2,81,339/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୯. ରେ Infront of Hotel Hindustan International ପାଇଁ Upset Price Rs. 3,06,600/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Sandeep Sharma ତାଙ୍କର ନିବିଦା ଦର Rs. 3,07,501/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୧୦. ରେ Parking Infront of Hotel May fair Lagoon ପାଇଁ Upset Price Rs. 4,50,100/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Sri Dillip Ku. Chhabra ତାଙ୍କର ନିବିଦା ଦର Rs. 4,61,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୧୧. ରେ Parking Lot Infront of Khadi board to Mehers Show room ପାଇଁ Upset Price Rs. 3,09,520 ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Smt. Rakhee Dash ତାଙ୍କର ନିବିଦା ଦର Rs. 3,15,000/- ମାତ୍ର ଦାଖଲ କରିଛନ୍ତି । କ୍ରମିକ ନଂ- ୧୨. ରେ Parking Lot Infront of Hotel crown ପାଇଁ Upset Price Rs. 1,54,760/- ଥିବାବେଳେ ଏହାର ଏକମାତ୍ର (Single bidder) ଦରଦାତା Smt. Rakhee Dash ତାଙ୍କର ନିବିଦା ଦର Rs. 1,60,000/- ମାତ୍ର ଦାଖଲ କରିଛନ୍ତି ।

ଉପର ଲିଖିତ ନିବିଦା ଦରକୁ ନିଲାମ କମିଟି ଓ ମାନ୍ୟବର ମେୟରଙ୍କ ଅନୁମୋଦନ କ୍ରମେ କ୍ରମିକ ନଂ ୧,୨ ଓ ୩ ର ନିଲାମ ସର୍ବୋଚ୍ଚ ଦରକୁ ଗ୍ରହଣ କରାଯିବା ସହିତ କ୍ରମିକ ନଂ ୪ ରୁ ୧୨ ମଧ୍ୟରେ ଥିବା ପାର୍କିଂ ଲଟ୍‌ର ନିଲାମ ଦରକୁ ଗ୍ରହଣ କରାଯିବା ସମ୍ପର୍କ କମିଟିଙ୍କ ବିଚାର:-ନଥି ନଂ XXII-(L)-67/14 ଟିପ୍ପଣୀ ପୃଷ୍ଠା-୮୫ ରୁ ୮୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧୫. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୬. ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତା ଆଲୋକିକରଣ ତଥା ନିଗମ କାର୍ଯ୍ୟାଳୟ ଓ ନିଗମ ପରିଚାଳିତ ଅନୁଷ୍ଠାନ ମାନଙ୍କ ପାଇଁ ଆବଶ୍ୟକ ମତେ ବୈଦ୍ୟୁତିକ ଉପକରଣ କ୍ରୟ କରିବା ନିମନ୍ତେ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୯୦୫୪ ତା ୧୫.୦୪.୨୦୧୫ ରିଖ ଦ୍ୱାରା ଦୁଇଟି ଦୈନିକ ଓଡ଼ିଆ ସମ୍ବାଦପତ୍ର ଓ ଏକଗୋଟି Daily English Newspaper ମାଧ୍ୟମରେ ନିବିଦା ଆହ୍ୱାନ କରାଯାଇଥିଲା । ଯାହାକି BMC web-site ରେ ତା ୧୮.୦୪.୨୦୧୫ ରିଖ ଠାରୁ ଉପଲବ୍ଧ ହୋଇଥିଲା । ତା ୨୮.୦୪.୨୦୧୫ ରିଖରେ Tender ଖୋଲାଯାଇଥିଲା । ମୋଟ ୩ (ତିନି) ଗୋଟି ସରଞ୍ଜାମ ପାଇଁ ୨ (ଦୁଇ) ଗୋଟି ନିବିଦା ମିଳିଥିଲା । ସର୍ବନିମ୍ନ ଦରଦାତାଙ୍କ ସହିତ ବୁଝାମଣା ପତ୍ରାଳାପ କରାଯାଇ ଦର ସ୍ଥିର କରାଯାଇଛି । ନଥି ନଂ-XXXXIV-E/S-04/2014 (Part) ଟିପ୍ପଣୀ ପୃଷ୍ଠା ୪ ରୁ ୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା-୬୧ ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀ ଅନୁଯାୟୀ ସମସ୍ତ ୩ (ତିନି) ଗୋଟି ସରଞ୍ଜାମ ପାଇଁ ସର୍ବନିମ୍ନ ଦରଦାତା M/S Sai Ele. Power ଙ୍କ ଦ୍ୱାରା ପ୍ରଦତ୍ତ ଦର Annexure-C ମତେ ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ-୧୬. ଏ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ -୧୭. କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଉପରୋକ୍ତ ନିର୍ଦ୍ଧାରଣ ଗୁଡିକ ଆଇନ୍ ଅନୁଯାୟୀ ଏବଂ Codal Procedure ଅନୁସରଣ କରି ଆବଶ୍ୟକୀୟ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ମ୍ୟୁନିସିପାଲ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରାଯାଉଥିବା ନଥିରେ ସଂପୃକ୍ତ ଠିକାଦାର / ସପ୍ଲାୟର ମାନଙ୍କ ଦ୍ୱାରା ପ୍ରଦତ୍ତ ଟେଣ୍ଡର / ନିବିଦାରେ ଲିଖିତ ସୂଚନା / ତଥ୍ୟ (Information & Facts) ଏବଂ ନିଗମ ତରଫରୁ ପ୍ରସ୍ତୁତ ବିସ୍ତୃତ ଟେଣ୍ଡର ନୋଟିସ୍ (DTCN) ର ସର୍ତାବଳୀରେ ଭବିଷ୍ୟତରେ ଯଦି କୌଣସି ଅସାମଞ୍ଜସ୍ୟ / ତାରତମ୍ୟ (Difference), ତ୍ରୁଟି, ଖିଲାପ ପରିଲିକ୍ଷିତ ହୁଏ, ତେବେ ସଂପୃକ୍ତ ଟେଣ୍ଡର ପେପର / ଡକ୍ୟୁମେଂଟଗୁଡିକୁ ଯାଂଚ୍ (Check) କରିଥିବା ସମସ୍ତ ସରକାରୀ ଅଧିକାରୀ ମାନେ ଏଥିପାଇଁ ଦାୟୀ ରହିବେ ବୋଲି ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୧୦ ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ଅନନ୍ତ ନାରାୟଣ ଜେନା
ସଭାପତି
ତା 23.6.2015 ରିଖ

# Comparative Statement of Materials required for Planning Division in response to the Limited Tender Enquiry

Annexure – A

| Sl No. | Item with Specification | Quoted Price | | | | | |
|---|---|---|---|---|---|---|---|
| | | Subham Infotech | | Bit Byte | | Ashirbad Computer & Services | |
| | | Rate per Unit | Total Cost including VAT | Rate per Unit | Total Cost including VAT | Rate per Unit | Total Cost including VAT |
| 1 | UPS-600/650 KVA for Desktop (Good quality with specification) | 2380.95 600 KVA | 2500.00 Apc 2 Years Warranty | 2650.00 600 KVA APC | 2650.00 | 2500.00 600 KVA APC | 2500.00 |
| 2 | Printer Laser Jet Any Brand (Good quality with specification) | 6142.85 HP 1108 Laser Printer | 6450.00 | 12600.00 10,600.00 HP M-1136 | 12,600.00 10,600.00 | 6700.00 1108 Laserjet | 6700.00 |
| 3 | Scanner (Print Scan, A/4 (Good quality any Brand) | 12,285.71 HP Laser Jet M-1005 MFP | 12900.00 | 9000.00 HPG 3110 16,000.00 HP-G-4010 | 9000.00 16,000.00 | 13,500.00 HP-1005 MFP | 13500.00 |

Two suppliers have given quotation for M-1005 MFP model.

Lowest - Subham Infotech - Sl. No. 1, 2, 3

18/8/15 Store-keeper

18/8/15 Deputy Commissioner (IT)

C.F.O.

18/8/2015 Addl. Commissioner

159

# Comparative statement for Supply of Office Furniture

Annexure-B.

| Sl. No. | Item & Specification | Basudev Wood | | Furniture Centre | | Maa Sarala Furniture | | Narmada Furniture | | Furniture Palace | |
|---|---|---|---|---|---|---|---|---|---|---|---|
| | | Rate per Unit | Total cost including VAT | Rate per Unit | Total cost including VAT | Rate per Unit | Total cost including VAT | Rate per Unit | Total cost including VAT | Rate per Unit | Total cost including VAT |
| 1 | Executive Table 1.6 mtrs imported Model (One side drawer and one side Credenza) | 38000.00<br>27000.00 | 43,130.00<br>30,645.00 | 39,000.00 | 44265.00 | **21500.00** | **24402.50** | 39800.00 | 45173.00 | 22800.00 | 25878.00 |
| 2 | Executive Chair (Revolving with high back & leatherite Covers) | 13,500.00<br>10,000.00 | 15,322.50<br>11,917.50 | 13,800.00 | 15663.00 | **8900.00** | **10101.50** | 14300.00 | 16230.50 | 10300.00 | 11691.00 |
| 3 | OfficeTable (4 x 2) with one size with one side two drawer soutside | 12,500.00<br>9500.00<br>6500.00 | 14,187.00<br>10.782.50<br>7377.50 | 12,800.00 | 14528.00 | **6200.00** | **7037.00** | 13300.00 | 15095.50 | 6800.00 | 7718.00 |
| 4 | Office Chair (Good quality Iron Stand with foam & cover (seat & back) | 8500.00<br>4400.00 | 9647.50<br>4994.00 | 8700.00 | 9874.50 | **1875.00** | **2128.00** | 9000.00 | 10215.50 | 2200.00 | 2497.00 |
| 5 | Computer Table 2x3 size with drawer (Good quality ) | 7500.00<br>4500.00 | 8512.50<br>5107.50 | 7900.00 | 8966.50 | **3700.00** | **4199.50** | 8300.00 | 9420.50 | 3950.00 | 4483.00 |
| 6 | Visiter Chair Good quality with foam Seat & back with cover | 5200.00<br>3200.00 | 5902.00<br>3632.00 | 5500 | 6242.50 | **2560.00 (Supreme)** | **2905.60** | 6000.00 | 6810.00 | 2590.00 | 2940.00 |
| 7 | Plastic Chair with arm (Good quality) | 950.00 Neel Kamal | 1078.25 | 980.00 (neel Kamal) | 1112.30 | **590.00 (Neel Kamal)** | **670.00** | 1030.00 | 1169.05 | 680.00 Supreme | 772.00 |
| 8 | Steel rack 78" with 5 selves (Good quality) | **4800.00** | **5448.00** | 5100.00 | 5788.50 | 6300.00 | 7150.50 | 5500.00 | 6242.50 | 6900.00 | 7831.00 |

**Lowest - Sl. No. 1, 2, 3, 4, 5, 6 & 7 - Maa Sarala Furniture**
**Sl No. 8 - Basudev Wood**

Purchases shall be made strictly as per requirement, as ordered, with due approval of the Competent Authority.

15.1.15 Store-keeper | 15.1.15 Deputy Commissioner | 15/1/15 Sr. Mpl. Planner | 15/1/2015 Chief Finance Officer | 15/1/2015 Additional Commissioner

## ANNEXTURE – C      File No.-XXXXIV-E/S-04/2014 (Part)

| Sl. No. | Name of Materials | Lowest Quoted Agency | Quantity of the Material | Approval Rate (Rs.) | Total Amount (Rs.) |
|---|---|---|---|---|---|
| 1 | 1.5'' G.I Brackets | M/S Sai Ele. Power | 3000 Nos. | 258.00 | 7,74,000.00 |
| 2 | M/S Clamp. | M/S Sai Ele. Power | 3000 Nos. | 127.00 | 3,81,000.00 |
| 3 | 2.5 mm2 PVC wire. | M/S Sai Ele. Power | 200 Nos. | 872.00 | 1,74,400.00 |

20/5/15

ASST. EXECUTIVE ENGINEER (Ele.)
MUNICIPAL CORPORATION
BHUBANESWAR

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଷ୍ଟାଣ୍ଡିଂ କମିଟି  ବୈଠକ ବିବରଣୀ

ତା ୧୮.୦୬.୨୦୧୫ ରିଖ

ସମୟ - ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭାଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ  କୁମାରେନ୍ଦ୍ର ମହାପାତ୍ର, ଚେୟାର୍ ମ୍ୟାନ୍
୨. ଶ୍ରୀମତୀ ଜ୍ୟୋସ୍ନାରାଣୀ ରାଉତରାୟ
୩. ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ
୪. ଶ୍ରୀମତୀ ଜ୍ୟୋସ୍ନାମୟୀ ଜେନା
୫. ଶ୍ରୀ ରଘୁନାଥ ମହାନ୍ତି
୬. ଶ୍ରୀ ସୁରେଶ ଚନ୍ଦ୍ର ଜେନା
୭. ଶ୍ରୀ ଶ୍ରୀଧର ବେହେରା

ଅଦ୍ୟ ତା ୧୮.୦୬.୨୦୧୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭାଗୃହରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ ସେଟଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି ଶ୍ରୀ  କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-(୧). ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧) ଭୁବନେଶ୍ୱର ମହାନଗର ନିଗମାଂଚଳରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କ ଥଇଥାନ ଓ ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ଏକ ବସ୍ତି ପଲିସ୍ ପ୍ରସ୍ତୁତ କରିବା ପାଇଁ  ଭୁବନେଶ୍ୱର ମହାନଗର ନିଗମର ଗୋଟିଏ ଟିମ୍ ମହିସୂର ସହର ପରିଦର୍ଶନରେ ଯାଇ ସେଠାରେ ବସ୍ତି ପଲିସ୍ କିପରି କାର୍ଯ୍ୟକାରୀ ହେଉଅଛି ତାକୁ ଅନୁଧ୍ୟାନ କରି ସେଠାରେ ପ୍ରଚଳିତ ବସ୍ତି ପଲିସ୍ ଭଳି ଏକ ବସ୍ତି ପଲିସ୍ ତିଆରି କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨) ଆସନ୍ତା ମାସ ବୈଠକ ଠାରୁ ପ୍ରତି ମାସ ବୈଠକରେ CLTC ର Team Leader ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩) ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଯେଉଁ ବସ୍ତି ଗୁଡ଼ିକ ରାଜୀବ ଆବାସ ଯୋଜନାରେ ସର୍ଭେ ହୋଇଥିବା ବସ୍ତି ଗୁଡ଼ିକୁ ରଖି ଅଲଗା ବସ୍ତି ନ ବଢାଇବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪) ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବସ୍ତି ଗୁଡ଼ିକରେ କେତେକ ଧନୀକ ଲୋକ ବସ୍ତିଘର ଗୁଡ଼ିକ ଅନ୍ୟ ଲୋକଙ୍କୁ ଭଡ଼ା ଦେଇ ବାହାରେ ରହୁଛନ୍ତି । ସେମାନଙ୍କର ତାଲିକା କରିବା ଏବଂ ବସ୍ତିରେ କେଉଁମାନେ ରହି ପାରିବେ ତା'ର କ୍ରାଇଟେରିଆ ତିଆରି କରିବା  ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.20 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା 18.06.2015 ରିଖ